### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଓ ପ୍ରଦୂଷଣ ସମସ୍ୟା ସମାଧାନ ଦାବି

# ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣ ସମାବେଶ

ଅନୁଗୋଳ, ୨୩।୨(ସମିସ)




ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ ବର୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରାଯାଉନାହିଁ କିମ୍ବା ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯାଉନାହିଁ। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତିଷ୍ଠିତ କୋଇଲାଖଣି, ତାପଜ ବିଦ୍ୟୁତ୍ ଶିଳ୍ପ ଓ ଅନ୍ୟାନ୍ୟ ବୃହତ ଶିଳ୍ପଗୁଡ଼ିକ ଦ୍ୱାରା ପ୍ରଦୂଷଣ ବିଷବଳୟରେ ଜିଲ୍ଲାବାସୀ ହନ୍ତସନ୍ତ ହେଉଥିଲେ ମଧ ଏହାର କୌଣସି ପ୍ରତିକାର କରାଯାଉନାହିଁ। ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ଓ ପ୍ରଦୂଷଣ ସମସ୍ୟା ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର, ଆଇସିୟୁ, ବର୍ଣ ୟୁନିଟ୍ କାର୍ଯ୍ୟକ୍ଷମ ସହ ଇକୋ ମେସିନ୍ ପ୍ରତିଷ୍ଠା, ଜିଲ୍ଲା ମୁଖ୍ୟ ଚିକିଳୟରେ ଅର୍ଥୋ, ଇଏନ୍‌ଟି ସହ ବିଭିନ୍ନ ବିଭାଗରେ ସର୍ଜରୀ ବ୍ୟବସ୍ଥା କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସପ୍ତାହକୁ ଥରେ ଆସୁଥିବା ବିଶେଷଜ୍ଞ ଡାକ୍ତରମାନଙ୍କୁ ନିୟମିତ ଭାବେ ନିଯୁକ୍ତି ଦେଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦନ୍ତ ବିଭାଗରେ ଆବଶ୍ୟକ ଉପକରଣ ଯୋଗାଇ ଦନ୍ତ ଚିକିତ୍ସା ବ୍ୟବସ୍ଥା କରିବା, ଜିଲ୍ଲାର ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦ ପୂରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନ୍‌ଲାଇନ୍ ଟିକେଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା, ପ୍ରଦୂଷଣ ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ବସାଇବା ଓ ଅତରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ଶିଳ୍ପ, କୋଇଲା ଖଣି ପ୍ରଦୂଷଣକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣ କରିବା, ଅନୁଗୋଳ ସହର ଦେଇ କୋଇଲା ପରିବହନ ରାସ୍ତାରେ ପଡ଼ୁଥିବା କୋଇଲାଗୁଣ୍ଡ ସଫା କରିବା ସହ ନିୟମିତ ପାଣି ସିଞ୍ଚନ, କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ ଆଦି ଦାବିରେ ସୋମବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣ ସମାବେଶ ଅନୁଷ୍ଠିତ ହୋଇଛି। କମିଟି ଆବାହକ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ସମାବେଶରେ ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ଶିବରାମ ମିଶ୍ର, ବ୍ରଜବନ୍ଧୁ ସାହୁ, ଆଇନଜୀବୀ ବସନ୍ତ କୁମାର ଦାସ, ନିରୋଦ ପାଳ, ତ୍ରିଲୋଚନ ଜେନା, ତୀର୍ଥବାସୀ ଭୋଇ, ପଠାଣୀ ବାରିହା, ମାନସ ପାଳ, ସ୍ୱେଚ୍ଛାସେବୀ ପର୍ଶୁରାମ ଦାସ, ପରିବେଶବିତ୍ ପ୍ରସନ୍ନ ବେହେରା, ବରିଷ୍ଠ ସାମ୍ବାଦିକ ଜଗଦାନନ୍ଦ ପ୍ରଧାନ, ଦେବାଶିଷ ପନାୟକ, ଅଚ୍ୟୁତାନନ୍ଦ ମିଶ୍ର, ଶିକ୍ଷାବିତ୍ ତରୁଣ ଦେହୁରୀ, ପ୍ରଦୀପ କୁମାର ପ୍ରଧାନ, ହେମନ୍ତ କୁମାର ଦାସ, ପ୍ରବୋଧ କୁମାର ସ୍ୱାଇଁ, ବ୍ରହ୍ମଜ୍ୟୋତି ମିଶ୍ର, ଅଶୋକ କୁମାର ପ୍ରଧାନ, ଚିତ୍ତରଞ୍ଜନ ମେଣ୍ଡୁଲୀ, ଆଇନଜୀବୀ ସୁବାସ ସାହୁ, ରବୀନ୍ଦ୍ର କୁମାର ବେହେରା, ବ୍ରଜସୁନ୍ଦର ବିଶ୍ୱାଳ, ଲକ୍ଷ୍ମଣ ସାହୁ, ସୂର୍ଯ୍ୟନାରାୟଣ ରଥ, ଅଜୟ ଭାଇ, ରଶ୍ମିରଞ୍ଜନ ସାହୁ, ତପନ କୁମାର ମହାନ୍ତି, ନିରୁପମା ପ୍ରଧାନ, ବବିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଜିଲ୍ଲାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବାବେଳେ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ପ୍ରଦୂଷଣ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ଭାବେ ବ୍ୟବହାର କରାଯାଉଥିଲେ ମଧ ଏଠାରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ, ବର୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରାଯାଉନାହିଁ। ଏପରିକି ଅସ୍ଥିଶଲ୍ୟ, କର୍ଣ୍ଣ, ନାଶା, ଗଳା ବିଭାଗ ସମେତ ବିଭିନ୍ନ ବିଭାଗରେ ସର୍ଜରୀ ବ୍ୟବସ୍ଥା ନାହିଁ। ଫଳରେ ସାମାନ୍ୟ ହାତଗୋଡ଼ ହାଡ଼ ଭାଙ୍ଗିଲେ ଏଠାରେ ଚିକିତ୍ସା ନ କରି ରୋଗୀଙ୍କୁ ରେଫର କରିଦିଆଯାଉଛି। ଏ ନେଇ ଗରିବ ରୋଗୀ ବହୁ ଖର୍ଚ୍ଚାନ୍ତ ଓ ଅସୁବିଧା ଭୋଗି କଟକ କିମ୍ବା ଘରୋଇ ହସ୍ପିଟାଲ ଯିବାକୁ ବାଧ ହେଉଛନ୍ତି। କିଛି ଅସାଧୁ ପ୍ରଶାସନିକ, ସ୍ୱାସ୍ଥ୍ୟ ଅଧିକାରୀ ଓ ଘରୋଇ ନର୍ସିଂ ହୋମ୍ ମଧରେ ମଧୁଚନ୍ଦ୍ରିକା ଯୋଗୁଁ ଜିଲ୍ଲାର ଖଣିଜ ପାଣ୍ଠିରେ ପ୍ରଚୁର ଅର୍ଥ ଜମା ଥିଲେ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ବିକାଶ କରା ନ ଯାଇ ରୋଗୀଙ୍କୁ ଶୋଷଣ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଏବଂ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ମଧ ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରା ନ ଯିବା ଜିଲ୍ଲା ପ୍ରଶାସନର ଅପାରଗତା ଓ ସମ୍ପୂର୍ଣ୍ଣ ଦାୟିତ୍ୱହୀନତାର ନିଦର୍ଶନ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ, କୋଇଲା ପରିବହନ ରାସ୍ତାରେ ନିୟମିତ ପାଣି ସିଞ୍ଚନ ସହ କୋଇଲା ପରିବହନ ନିମନ୍ତେ ସ୍ୱତନ୍ତ୍ର କୋଲ୍ କରିଡର୍ ନିର୍ମାଣ କରିବାକୁ ସେମାନେ ଦୃଢ଼ ଦାବି କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଭେଟି ୧୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କମିଟି ପକ୍ଷରୁ ଉପସ୍ଥାପିତ ଜିଲ୍ଲାର ନ୍ୟାଯ୍ୟ ଦାବିଗୁଡିକ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ବାସ୍ତବ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲ୍ଲାବ୍ୟାପୀ ବ୍ୟାପକ ଆନ୍ଦୋଳନ ସହ ଜିଲ୍ଲା ବନ୍ଦ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।

## ଶିକାର ପାଇଁ ରଖାଯାଇଥିବା ବୋମା ଫୁଟି ନାବାଳିକା ଗୁରୁତର

● ବୋମା ରଖିଥିବା ଅଭିଯୋଗରେ ୪ ଗିରଫ

ପାଲଲହଡ଼ା, ୨୩।୨(ସମିସ): ଗାଁ ମୁଣ୍ଡ ମହୁଲ ଗଛ ମୂଳେ ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ରଖାଯାଇଥିଲା ଦେଶୀ ବୋମା। ହେଲେ ଜନ୍ତୁ ବଦଳରେ ଜଣେ ନିରୀହ ନାବାଳିକା ହେଲା ତା'ର ଶିକାର। ବୋମା ବିସ୍ଫୋରଣରେ ଛିଣ୍ଡିଗଲା ନାବାଳିକାଙ୍କ ହାତ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପାଲଲହଡ଼ା ଥାନା ବାଲିପସୀ ପଞ୍ଚାୟତ କେଲପଶି ଗାଁରେ ରବିବାର ଭୋର ସମୟରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ନାବାଳିକା ହେଲେ ସେହି ଗାଁର ମାନିନୀ ନାଏକ। ମାନିନୀ ମହୁଲ ଫୁଲ ଗୋଟେଇବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଜନ୍ତୁ ଶିକାର ପାଇଁ ରଖାଯାଇଥିବା ବୋମାକୁ ହାତରେ ଧରି ଦେଇଥିଲା। ଫଳରେ ବୋମା ହାତରେ ଫୁଟିଯାଇଥିଲା। ଏଥିରେ ନାବାଳିକାଙ୍କ ପାପୁଲି ଛିଣ୍ଡି ଯାଇଛି। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବୋମା ବାନ୍ଧିବା ଅଭିଯୋଗରେ ପୁଲିସ ସେହି ଗାଁର ଦିପୁ କିସାନ (୨୩), ରଞ୍ଜନ ନାଏକ (୩୫), ଶ୍ୟାମ ନାଏକ (୭୮) ଓ ସୋମନାଥ ମୁଣ୍ଡା (୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଜୀବନ୍ତ ବୋମା ଠାବ କରି ଅନୁଗୋଳ ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ତାହାକୁ ନିଷ୍କ୍ରିୟ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ସାଇକଲରୁ ପଡ଼ି ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର

ପାଲଲହଡ଼ା, ୨୩।୨(ସମିସ): ପରୀକ୍ଷା କେନ୍ଦ୍ରକୁ ଯିବା ବେଳେ ସାଇକଲରୁ ପଡ଼ି ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପାଲଲହଡ଼ା ବ୍ଲକ ସିଗଡ଼ ପଞ୍ଚାୟତ କର୍ମର୍କିଲା ଗାଁର ଅନାମ ବାରିଜଙ୍କ ଝିଅ ମାଲି ବାରିଜ। ମାଟ୍ରିକ ପରୀକ୍ଷା ଦେବାକୁ ମାଲି ନିଜ ଘରୁ ସାଇକଲରେ ପାଲଲହଡ଼ା ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଆସୁଥିବା ବେଳେ ସିଗଡ଼ ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ସେ ସାମାନ୍ୟ ସୁସ୍ଥ ହେବାରୁ ପରୀକ୍ଷା କେନ୍ଦ୍ର ଯାଇ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ମାଲି ସିଗଡ଼ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ।

## ବିଜେଡି ପକ୍ଷରୁ ସମୂହ ଦୀପଦାନ, ନିରବ ପ୍ରାର୍ଥନା

ଅନୁଗୋଳ, ୨୩।୨(ସମିସ): ଦୁଇଦିନ ପୂର୍ବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ସଂଗଠକ ଅମିତ୍ କୁମାର ସାହୁ (ସିକୁ) ଏବଂ ନକେଇପଶି ଗ୍ରାମର ଅଶୋକ କୁମାର ଦାସଙ୍କ ପୁଅ ବିସ୍ମୟ ଦାସଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଦୁଃଖଦ ସମୟରେ ସୋମବାର ଅନୁଗୋଳ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଉଭୟଙ୍କ ଆତ୍ମାର ସଦଗତି କାମନା କରାଯାଇ ଦଳ ପକ୍ଷରୁ ସମୂହ ଦୀପଦାନ ଓ ନିରବ ପ୍ରାର୍ଥନା କରାଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରପରିଷଦ ଅଧକ୍ଷ ଅକ୍ଷୟ କୁମାର ସାମନ୍ତ, ବରିଷ୍ଠ ନେତା ଶକ୍ତିପ୍ରସାଦ ପଟ୍ଟନାୟକ, ବିପ୍ଳବ ଜେନା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଜିଲ୍ଲା ଛାତ୍ର ସଭାପତି ରାଜୀବ ଲୋଚନ ଦାସଙ୍କ ସମେତ ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ।




## ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

କଣିହାଁ, ୨୩।୨(ସମିସ): କଣିହାଁ ବ୍ଲକ ବଡ଼ହୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ସହ ଏହାର ବହୁଳ ବ୍ୟବହାର, ସୁରକ୍ଷା ଓ ପ୍ରଚାର ପ୍ରସାର, ଓଡ଼ିଆ ଅସ୍ମିତା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବଜାୟ ରଖି ସୁସ୍ଥ ସମାଜ ଗଠନ ଦିଗରେ କାମ କରିବାକୁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଶପଥପାଠ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଓଡ଼ିଆ ବର୍ଣ୍ଣମାଳା, ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟାମାନଙ୍କ ଫଟୋ, ଲେଖା ଓ କବିତା, ଢଗଢମାଳି, ଗଳ୍ପ ଆଦି ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା ଆବୃତ୍ତି, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ମୁନା ନାଏକ ଓ ପ୍ରଦୀପ କୁମାର ବେହେରା, ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ନନ୍ଦିନୀ ସାହୁ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ ସହଯୋଗ କରିଥିଲେ।




## ଆଠମଲ୍ଲିକରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଆଠମଲ୍ଲିକ, ୨୩।୨(ସମିସ): ଆଠମଲ୍ଲିକ ବ୍ଲକ ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ଅବଦଲ ଏମ ଅଖତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୩୧ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୮ ଟି ବ୍ୟକ୍ତିଗତ, ଗୋଟିଏ ସାମୂହିକ ଓ ୨ଟି ରେଡ୍‌କ୍ରସ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ୮ ଅଭିଯୋଗର ସମାଧାନ କରାଯାଇଛି। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏସପି ରାହୁଲ ଜୈନ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ମୋହନ ପ୍ରଧାନ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ନୁନକାପଶି ପଞ୍ଚାୟତରେ ଜନଶୁଣାଣି



କିଶୋରନଗର, ୨୩।୨(ସମିସ): କିଶୋରନଗର ବ୍ଲକ ନୁନକାପଶି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁ, ବିଏସଏସଓ ଝସକେତନ ସାହୁ, କନିଷ୍ଠ ଯନ୍ତ୍ରୀ ଭୁବନେଶ୍ୱରୀ ବେହେରା, ଡିଇଓ (ଆରସିଏମ) ସରୋଜ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ରାଧାଗୋବିନ୍ଦଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା

ଅନୁଗୋଳ, ୨୩।୨(ସମିସ): ଅନୁଗୋଳ ଜିଲ୍ଲା ରାଣୀଗୋଡ଼ା (ପୁରୁଣାସାହି) ଶାଳଗାଡ଼ିଆ ପୋଖରୀ ନିକଟରେ ଶ୍ରୀ ଶ୍ରୀ ରାଧାଗୋବିନ୍ଦଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ୧୯ ତାରିଖ ଅଙ୍କୁରା ରୋପଣ, ୨୧ ତାରିଖ ପଥରିଗାଡ଼ିଆ ପୋଖରୀରୁ ୧୦୮ କଳସ ଯାତ୍ରା ଅନୁଷ୍ଠି ହୋଇଥିଲା। ୨୨ ତାରିଖ ମନ୍ଦିର ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ପୂଜା, ଦଧିନଉତି ସ୍ଥାପନ, ଧ୍ୱଜା ଉତ୍ତୋଳନ, ଆହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳେ ସୂର୍ଯ୍ୟପୂଜା, ଆହୁତି ଯଜ୍ଞ, ବିଗ୍ରହ ଜୀବନ୍ୟାସ, ମନ୍ଦିର ପ୍ରବେଶ, ପ୍ରଥମ ଭୋଗ ଆଦି ଅନୁଷ୍ଠିତ ହୋଇଥିଲା।



## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କିଶୋରନଗର, ୨୩।୨(ସମିସ): କିଶୋରନଗର ହାଇସ୍କୁଲ ୧୯୮୧ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଧଉରାପାଲ୍ଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ରାଜକିଶୋର ଷଡ଼ଙ୍ଗୀ, ଜମ୍ବେଶ୍ୱର ପ୍ରଧାନ, ସଞ୍ଜୟ ପ୍ରଧାନ, ପ୍ରଭାକର ରାଉଳ, ସରୋଜିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ।



## ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କୁଇଓ, ୨୩।୨(ସମିସ): ଜରାସିଂହା ୟୁଥ୍ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ପ୍ରଥମ ମ୍ୟାଚ ସମ୍ବଲପୁର ସ୍ପୋର୍ଟସ୍ ଓ ନାଲକୋ ଏଫସିସି ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ୫-୦ ଗୋଲ୍‌ରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ସମୀର କୁମାର ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଜରାସିଂହା ସରପଞ୍ଚ ପ୍ରିୟଙ୍କା ସ୍ୱାଇଁ, ଜରାସିଂହା ସମିତିସଭ୍ୟ ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁ, ନେହରୁ ଯୁବକ ସଂଘର ତପନ ନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ରେଫରୀ ଆଲୋକ ଦେହୁରୀ, ଧନେଶ୍ୱର ସଦକ୍ଷରେ, ବାସୁଦେବ ସାହୁ, ବୀଣାପାଣି ବରୁଆ. ଏବଂ ମ୍ୟାଚ୍ କମିସନ୍ ଭାବେ ବସନ୍ତ କୁମାର ଦାସ ଯୋଗଦେଇଥିଲେ।

## କୋର୍ଟ କାର୍ଯ୍ୟାଳୟ ପାଇଁ ବିସ୍ଥାପିତଙ୍କ ଥଇଥାନକୁ ବିରୋଧ



**ତହସିଲଦାରଙ୍କୁ ଅଭିଯୋଗ**

କଣିହାଁ, ୨୩।୨(ସମିସ): କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମ ସରକାରୀ ଜମିରେ ୧୭ଜଣଙ୍କୁ ଭୀମକାଣ୍ଡ ଶିବ ମନ୍ଦିର ପାର୍ଶ୍ୱ ମୁଣ୍ଡା ହଟିଂ ଏରିଆରେ ପ୍ରସ୍ତାବିତ ନୂତନ କୋର୍ଟ କାର୍ଯ୍ୟାଳୟ ନିର୍ମାଣ ପରିପ୍ରେକ୍ଷୀରେ ବିସ୍ଥାପିତ ଭୂମିହୀନ ଅଧିବାସୀଙ୍କୁ ଥଇଥାନ ବ୍ୟବସ୍ଥାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ସୋମବାର ପୂର୍ବାହ୍ନରେ ଗ୍ରାମବାସୀ କଣିହାଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମ ସଭାପତି ଜଳଧର ମହାନ୍ତି ଓ ୱାର୍ଡ ସଭ୍ୟ ନରୋତ୍ତମ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ ମୁଣ୍ଡା ବସ୍ତିର ଭୂମିହୀନ ୧୭ ଜଣଙ୍କୁ ଉକ୍ତ ସରକାରୀ ଜମିରେ ଜମି ପ୍ରଦାନ କରି ଥଇଥାନ ବ୍ୟବସ୍ଥା କରାଯାଉଥିବା ପଦକ୍ଷେପକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ସେମାନଙ୍କ ମତାନୁସାରେ, ଗ୍ରାମ ସୀମାଭିତ୍ତିକ ସରକାରୀ ଜମିରେ ଏପରି ପୁନର୍ବାସ ବ୍ୟବସ୍ଥା କଲେ ଆଗାମୀ ଦିନରେ ଗ୍ରାମର ଗୃହପାଳିତ ପଶୁ ଆଦି ଗ୍ରାମର ସାମାଜିକ କାର୍ଯ୍ୟକ୍ରମରେ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ଏହାର ପୁନର୍ବିଚାର କରି ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଶିକେଶନ ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି, ବିଜୟ ମହାନ୍ତି, କୁନମୟ ମହାନ୍ତି, ନରେନ୍ଦ୍ରମହାନ୍ତି, ପଦ୍ମଚରଣ ପରିଡ଼ା, ବନମାଳୀ ସାମଲ, କଳନ୍ଦୀ ସାମଲ, ଅଖିଳ ସାହୁ, ଶ୍ରୀକାନ୍ତ ସାହୁ, ଶୁକଦେବ ମହାନ୍ତି, ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

ଛେଣ୍ଡିପଦା, ୨୩।୨(ସମିସ)




ଛେଣ୍ଡିପଦା ବ୍ଲକ ଜରପଡ଼ା ଗ୍ରାମ ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସୋମବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ଖଣ୍ଡ ଜରପଡ଼ା ମଣ୍ଡଳ (ଜରପଡ଼ା, ଦୁର୍ଗାପୁର, କତଡ଼ା, ଡୁକୁଡ଼ା, ଜେରେଙ୍ଗ ଦେହୁରୀ ସାହି, ଓଗୀ, ପରା ପଞ୍ଚାୟତ)ର ସମସ୍ତ ହିନ୍ଦୁଙ୍କୁ ନେଇ ଏହି ସମ୍ମିଳନୀ ହୋଇଥିଲା। ଏହି ଅବସରରେ କୁନି ପିଲାମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ, ପଞ୍ଚ ମହାଯଜ୍ଞ, ଘୃତ ମହାଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ, ସେବାଯଜ୍ଞ ସହ ଚାରାରୋପଣ, ଗୋପୂଜନ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ କରଯାଇଥିଲା। ମୁଖ୍ୟଅତିଥି ଭାବେ ଜରପଡ଼ା ମଣ୍ଡଳ ହିନ୍ଦୁ ସମ୍ମିଳନୀର ସଂଯୋଜକ ମନୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶଶିକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଆର୍‌ଏସଏସ, ଛେଣ୍ଡିପଦା ଖଣ୍ଡ କାର୍ଯ୍ୟବାହ ଜିତେନ୍ଦ୍ର ସାହୁ, (ଜରପଡ଼ା ମଣ୍ଡଳର ପାଳକ) ଖଣ୍ଡସେବା ପ୍ରମୁଖ କୀର୍ତ୍ତନ ସେନାପତି, ବିଭାଗ ସେବା ପ୍ରମୁଖ ନାରାୟଣ ନାୟକ, ସହ ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ଭୋଲେଶ୍ୱର ଗୋଛାୟତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର, ବାବା ବିନୋଦ ବିହାରୀ ଦାସ ମହାରାଜ, ବାବା ଶ୍ୟାମସୁନ୍ଦର ଦାସ, ବାବା ପ୍ରେମାନନ୍ଦ ଦାସ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିନୋଦିନୀ ଭଉଣୀ, ବାବା ସତ୍ୟାନନ୍ଦ ଷଣ୍ଢ, ପୂଜକ ସତ୍ୟନାରାୟଣ ଶତପଥୀ, ବିଷ୍ଣୁଚରଣ ଦାସ ଉପସ୍ଥିତ ଥିଲେ। ଜରପଡ଼ା ଗ୍ରାମ ସଭାପତି ବିନୋଦ ପ୍ରଧାନ, ସମ୍ପାଦକ ଗଣେଶ୍ୱର ସାହୁଙ୍କ ସମେତ ଗ୍ରାମବାସୀ ଓ ୭ ପଞ୍ଚାୟତର ଜନସାଧାରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ଲୁଣାନଦୀ କୂଳରେ ଚାଲିଛି ନାଲି ଇଟାଭାଟି ପ୍ରସ୍ତୁତି

# ପ୍ରଦୂଷଣରେ ଲୋକେ ଅସ୍ତବ୍ୟସ୍ତ; ପ୍ରଶାସନ ନିରବ

ମହାକାଳପଡ଼ା,୨୩।୨(ସମିସ)

ମହାକାଳପଡ଼ା ତହସିଲ ଅଧୀନ ଜୟଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସାନଗାଁରେ ଥିବା ଲୁଣାନଦୀ କୂଳରେ ଖୋଲାଖୋଲି ଭାବେ ନାଲି ଇଟା ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନାଲି ଇଟା ଭାଟିକୁ ବନ୍ଦ କରାଯାଇଥିବା ସତ୍ତ୍ୱେ ଏଠାରେ ନିର୍ବିଘ୍ନରେ କାର୍ଯ୍ୟ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଇଟାଭାଟିରୁ ଉଠୁଥିବା ଧୂଆଁ ଓ



ଧୂଳିକଣା ପରିବେଶକୁ ଭୟାବହ ଭାବେ ପ୍ରଭାବିତ କରୁଛି। ଏହାର ପରିଣାମରେ ନଦୀ ପାଣି ଦୂଷିତ ହେଉଥିବା ସହ ବାୟୁମଣ୍ଡଳରେ ମଧ୍ୟ ପ୍ରଦୂଷଣ ବଢ଼ିବାରୁ ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଗୁରୁତର ପରିସ୍ଥିତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ସବୁ କିଛି ଜାଣିଶୁଣି ଆଖି ବୁଜି ରହିଛି କି ନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ତଦନ୍ତ ସହ ଅବୈଧ ଇଟାଭାଟି ବନ୍ଦ କରି ପରିବେଶ ସୁରକ୍ଷା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କେବେ ମହାକାଳପଡା ତହସିଲ ପ୍ରଶାସନର ସୁଦୃଷ୍ଟି ପଡ଼ିବ, ତାହା ଦେଖିବାକୁ ବାକି ରହିଲା।

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

# ଜିଲ୍ଲା ଶିକ୍ଷା ବିଭାଗର ତଦନ୍ତ ଆରମ୍ଭ



ରାଜକନିକା,୨୩।୨(ସମିସ): ରାଜକନିକା ଥାନା ଅନ୍ତର୍ଗତ ଓଳାଭର ଅକ୍ସଫୋର୍ଡ ଇଂରାଜୀ ମାଧ୍ୟମ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଶିକ୍ଷା ବିଭାଗର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି। ଆଜି ଅପରାହ୍ନରେ ଜିଲ୍ଲା ଶିକ୍ଷା ବିଭାଗର ଏକ ପ୍ରତିନିଧି ଦଳ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ ଓ ଶୁଭମିତା ମହାନ୍ତି ବିଦ୍ୟାଳୟରେ ପହଞ୍ଚି ପିଲାଙ୍କ ଆଟେନାନ୍ସ ବୁକ୍ ସହ ଅନେକ ଜରୁରୀ କାଗଜପତ୍ର ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା। ତେବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ନାୟକ କହିବା କଥା ଯାହା ଆମେ ତଦନ୍ତ କଲୁ। ସେସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦେବୁ। ଆଜି ଶିକ୍ଷା ବିଭାଗର ଏହି ଟିମରେ ରାଜକନିକା ବିଇଓ ରତିକାନ୍ତ ସେନାପତି, ଏବିଇଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ। ଏହି ଘଟଣା ଦିନକୁ ଦିନ ଅଧିକ ସମ୍ବେଦନ ହେଉଥିବାରୁ ବିଭିନ୍ନ ପ୍ରକାର ତଦନ୍ତ ହେବାର ସମ୍ଭାବନା ଦେଖା ଦେଇଛି।

## ଭାରତ ଭାରତୀ ପକ୍ଷରୁ ଚେନ୍ନାଇରେ ମାତୃଭାଷା ଦିବସ

କେନ୍ଦ୍ରାପଡ଼ା,୨୩।୨(ସମିସ): ଭାରତ ଭାରତୀ ସଂଗଠନ ପକ୍ଷରୁ ଚେନ୍ନାଇଠାରେ ବିଶ୍ୱ ମାତୃଭାଷା ଦିବସ ଉତ୍ସାହର ସହ ପାଳନ କରାଯାଇଛି। ଚେନ୍ନାଇରେ ବସବାସ କରୁଥିବା ୨୨ଟି ରାଜ୍ୟର ଲୋକ




ନିଜ ନିଜ ଭାଷା ଓ ସଂସ୍କୃତିକୁ ଆଧାର କରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା। ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିତିଥିଲା। ଓଡ଼ିଆ ଆଇଟି ଇଂଜିନିୟର ଗାୟତ୍ରୀ ଭୂପତି ଓ ତମସା ରାଉତଙ୍କ ସହଯୋଗରେ କୁନିକୁନି ଓଡ଼ିଆ ପିଲା ଓଡ଼ିଶୀ ନୃତ୍ୟ ସହ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ବନ୍ଦନା ସହ ଆରମ୍ଭ ହୋଇଥିବା ଏହି ପରିବେଷଣ ଚେନ୍ନାଇରେ ବାସ କରୁଥିବା ବିଭିନ୍ନ ରାଜ୍ୟର ଦର୍ଶକଙ୍କୁ ବିଶେଷ ଭାବେ ଆକର୍ଷିତ କରିଥିଲା। ପ୍ରଫେସର ନଳିନୀ କାନ୍ତ ମହାନ୍ତି, ଶିବଶଙ୍କର ନାୟକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଲୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚେନ୍ନାଇର ବିଭିନ୍ନ ସ୍ଥାନରେ ବାସ କରୁଥିବା ଓଡ଼ିଆ ମହିଳା, ପୁରୁଷ, ଯୁବକ/ଯୁବତୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଓଡ଼ିଆମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଅନ୍ୟ ରାଜ୍ୟର ଲୋକଙ୍କ ମନକୁ ଛୁଇଁଥିଲା। ମାତୃଭାଷା ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବାରେ ସହାୟକ ହୋଇଥିବା ମତ ପ୍ରକାଶ ପାଇଥିଲା।

## ଗୌରହରି ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଆଳି,୨୩।୨(ସମିସ): ଆଳି ବ୍ଲକ ତେଲିପାଟଣା ଖେଳ ପଡିଆରେ ଗୌରହରୀ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଆଳିର ବରିଷ୍ଠ ସମାଜସେବୀ ସ୍ୱର୍ଗତ ଗୌରହରୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ରାଧାନଗର କ୍ରିକେଟ କ୍ଲବ ଓ ଗୌଡ଼ପାଟଣା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୌଡ଼ପାଟଣା କ୍ରିକେଟ ଟିମ ଟସ ଜିତି ରାଧାନଗର କ୍ରିକେଟ କ୍ଲବକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଧାନଗର କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଥିବାବେଳେ ଜବାବରେ ଗୌଡ଼ପାଟଣା କ୍ରିକେଟ କ୍ଲବ ୧୦ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ରାଧାନଗର କ୍ରିକେଟ୍ କ୍ଲବର ଅମରଜିତ ପାତ୍ରଙ୍କ ବିସ୍ଫୋରକ ବ୍ୟାଟିଂ ଓ ସଫଳ ବୋଲିଂ ଫଳରେ ଟିମ ବିଜୟୀ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ଗୌରହରୀ ସାହୁଙ୍କ ପୁତ୍ର ତଥା ବରିଷ୍ଠ ସମାଜସେବୀ ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ଆଳିର ଅତିରିକ୍ତ ତହସିଲଦାର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ପ୍ରମୋଦ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଖେଳକୁ ଉଦଘାଟନ କରିଥିଲେ। ରାଧାନଗର କ୍ରିକେଟ କ୍ଲବ୍‌ର ଅମରଜିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

● ଆବାସ ଦେବାକୁ କହି ୧୦ ହଜାର ଠକେଇ

## ଟଙ୍କା ମାଗିବାରେ ଦମ୍ପତିଙ୍କୁ ମାଡ଼; ଦଲାଲ ବିରୋଧରେ ଏତଲା

କେନ୍ଦ୍ରାପଡ଼ା,୨୩।୨(ସମିସ): ଗରିବଙ୍କୁ ସରକାରୀ ଆବାସ ଯୋଜନାରେ ଘର ଯୋଗାଇ ଦେବା ନାଁରେ ଲାଞ୍ଚ ନେଇ ଠକେଇ କରାଯାଉଥିବା ଘଟଣା ପୁଣିଥରେ ସାମ୍ନାକୁ ଆସିଛି। ଆବାସ କରାଇଦେବାକୁ କହି ୧୦ ହଜାର ଟଙ୍କା ନେଇ ଘର ନ ଦେବା ସହ ଟଙ୍କା ଫେରସ୍ତ ମାଗିବାରୁ ଦମ୍ପତିଙ୍କୁ ଗାଳିଗୁଲଜ, ମାଡ଼ମାରି ଓ ଧମକ ଦେଇଥିବା ନେଇ କୁଦାନଗରୀ ଥାନାରେ ଏତଲା ହୋଇଛି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଧୀନ ରାଏଚାନ୍ଦ ଗ୍ରାମର ବାବାଜୀ ଦାସ (୫୫) ପକ୍କା ଘର ଯୋଜନାରେ ଘର ପାଇବା ଆଶାରେ ସେହି ଗ୍ରାମର ଜଣେ ଦଲାଲଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ଘର କରାଇଦେବା ପ୍ରତିଶ୍ରୁତି ଦେଇ ଟଙ୍କା ନେଇଥିଲେ ମଧ୍ୟ ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ନା ଘର ମିଳିଲା, ନା ଟଙ୍କା ଫେରିଲା । ଏନେଇ ଗତ ଡିସେମ୍ବର ୧୦ ତାରିଖ ସକାଳେ ବାବାଜୀ ଦାସ ଓ ତାଙ୍କ ପତ୍ନୀ ଅଭିଯୁକ୍ତଙ୍କ ଘରକୁ ଯାଇ ଟଙ୍କା ଫେରସ୍ତ ମାଗିଥିଲେ। କିନ୍ତୁ ଦଲାଲ ଓ ତାଙ୍କ ପତ୍ନୀ ଦୁହେଁ ମିଶି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ବାବାଜୀ ଦାସ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗରିବ ଲୋକଙ୍କ ଆବାସ ଆଶାକୁ ପୁଞ୍ଜି କରି କିଛି ଦଲାଲ ଏଭଳି ଠକେଇ କରୁଥିବା ଘଟଣା ଚିନ୍ତାଜନକ ହୋଇଥିବାବେଳେ ଏଭଳି ଦଲାଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ଜୋର ଧରିଛି ।

## ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ରାଜନଗର,୨୩।୨(ସମିସ): ରାଜନଗର ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମାଙ୍କ ପକ୍ଷରୁ ଆଗନ୍ତୁକ ମାଆମାନଙ୍କୁ ପୁଷ୍ପ ଚନ୍ଦନ ଦିଆଯାଇ ବନ୍ଦାପନା କରାଯାଇଥିଲା। ପରେ ଝୋଟି, ସଙ୍ଗୀତ, ମ୍ୟୁଜିକଚେୟାର, ଲକ୍ଷ୍ମୀପୂରାଣ ପଠନ ପ୍ରତିଯୋଗିତା ମାଆମାନଙ୍କ ମଧ୍ୟରେ କରାଯାଇଥିଲା। ବୌଦ୍ଧିକ ମଣ୍ଡପରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଲେଖ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ଶିକ୍ଷକ ହେମନ୍ତ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୈଦିକ ଯୁଗରୁ ମାଆମାନଙ୍କ ସମାଜ ପ୍ରତି ରହିଥିବା ଅତୁଳନୀୟ ଦାନ ସଂପର୍କରେ ଆଲୋକପାତ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଦୋଳଗୋବିନ୍ଦ ଜେନା ଶିଶୁମନ୍ଦିରର ଶୈକ୍ଷିକ ଭାବଧାରା ଶିଶୁଙ୍କ ପ୍ରତି ମାଆମାନଙ୍କର ନୈତିକ କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଆଦର୍ଶ ଗୃହିଣୀ ଅବଳୀ ସେଠୀ ଏହି ମାତୃ ସମ୍ମିଳନୀକୁ ଉଦଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମା'ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ସ୍ମରଣିକା ତାଡୁ ମାତୃ ବନ୍ଦନା ଗାନ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁଜୀ କୈଳାସ ଜେନା, ବିଭୂତି ଲେଙ୍କା, ଗୁରୁମା ସ୍ୱପ୍ନାରାଣୀ ସାହୁ, ପ୍ରଣତି ସ୍ୱାଇଁ, ଶୁଭଶ୍ରୀ ଲେଙ୍କା, ଦେବାଞ୍ଜଳି ପରିଡା, ସୁଦୀପ୍ତା ନାୟକ, ସଙ୍ଗୀତା ସାହୁ, ଜ୍ୟୋତିର୍ମୟୀ ସାହୁ ପରିଚାଳନା କରିଥିଲେ।

## କୁରୁଣ୍ଟିରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ରାଜନଗର,୨୩।୨(ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ବାବା କାଞ୍ଚନେଶ୍ୱର ପୀଠ କୁରୁଣ୍ଟିରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। କମିଟି ସଭାପତି ସୁବ୍ରତ ନାୟକଙ୍କ ପୌରହିତ୍ୟ, ଆଇନଜୀବୀ ସୁରେଶ ନରେନ୍ଦ୍ରଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ସସ୍ମିତା ମହାନ୍ତି, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ଜେନା ଯୋଗଦେଇ ଧର୍ମ ପ୍ରତିଷ୍ଠା ପାଇଁ ନାମସଂକୀର୍ତ୍ତନ ଓ ଯଜ୍ଞର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଯଜ୍ଞ କମିଟି ପକ୍ଷରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଥିବା ସୂର୍ଯ୍ୟ ମହାନ୍ତି (ସେଣ୍ଟ୍ରାଲ ଇନ୍ସପେକ୍ଟର), ଅଭିଷେକ ନରେନ୍ଦ୍ର (ଡାକ୍ତର), ଶୁଭ୍ରଜିତି ରାଉତ (ସରକାରୀ ଅଧ୍ୟାପକ), କୌଶିକ ରାଉତ (ସଏଲକଞ୍ଜରଭେସନ ଅଫିସର)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ୨୦୨୫ ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ଡୋନାରାଣୀ ନରେନ୍ଦ୍ର, ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ସାଲିନୀ ନାୟକ, ଚତୁର୍ଥ ଶ୍ରେଣୀରେ ବ୍ଲକ୍ ଟପ୍ପର ହୋଇଥିବା ସିଦ୍ଧିଧାତ୍ରୀ ଶତପଥୀ ଓ ଗାୟତ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଇନଜୀବୀ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ପ୍ରମୋଦ ଶତପଥୀ ଧନ୍ୟବାଦ ଦେଇଥିଲେ। ଗ୍ରାମବାସୀଙ୍କ ସମେତ ଅଧ୍ୟାପକ ରମେଶ ଚନ୍ଦ୍ର ବିଶ୍ୱାସ, କମଳାକାନ୍ତ ରାଉତ, ଅଧ୍ୟାପକ ଦିଲ୍ଲୀପ ମହାରଥୀ, ବିଜୟ ବିଶ୍ୱାଳ, ଅନନ୍ତ ଜେନା, ଅଶୋକ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକ ଗୋପାଳ ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨୩।୨(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲର ଆଦର୍ଶ ଶିକ୍ଷକ ତଥା ବେଲତଳ ଭୋଲି ବାବା ମଠ



ପରିଚାଳନା କମିଟି ପୂର୍ବତନ ସଭାପତି ଗୋପାଳ ବିହାରୀ ଦାଶଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭୋଲି ବାବା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠ ପରିଚାଳନା କମିଟି ସଭାପତି ନୃସିଂହ ଚରଣ ପାଢ଼ୀଙ୍କ ପୌରୋହିତ୍ୟ ଓ ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ପ୍ରଶାସକ ଡ କେଳୁ ଚରଣ ସ୍ୱାଇଁ, ଗାଳ୍ପିକ ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦିବଂଗତ ଆଦର୍ଶ ଶିକ୍ଷକ ଗୋପାଳ ବିହାରୀ ଦାଶଙ୍କ ଉତ୍ତମ ଶିକ୍ଷାଦାନ, ସମାଜସେବା ଓ ଆଧ୍ୟାତ୍ମିକ ଜଗତକୁ ଅବଦାନ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ସଭାରେ ମଠ ପରିଚାଳନା କମିଟି ଉପସଭାପତି ତ୍ରିଲୋଚନ ପଣ୍ଡା, ସମ୍ପାଦକ ବ୍ରଜବନ୍ଧୁ ଦାଶ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ, ସୁଦର୍ଶନ ଦାଶ, ନଟବର ରାଉତ, ଭାବଗ୍ରାହୀ ଗିରି, ନାରାୟଣ ପ୍ରଧାନ, ତ୍ରିଲୋଚନ ଜେନା, ସୁବାସ ସ୍ୱାଇଁ, ମନୁ ଚରଣ ଦାସ, କୁମାରେଶ ନାୟକ, ବୈଷ୍ଣବ ମଲିକ, ରାଜେନ୍ଦ୍ର ମଲିକ, ସର୍ବେଶ୍ୱର ମଲିକ ପ୍ରମୁଖ ଯୋଗଦେଇ ଆଦର୍ଶ ଶିକ୍ଷକ ଗୋପାଳ ବିହାରୀ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ରଜାଙ୍ଗରେ ସାଇ ଆରୋଗ୍ୟ ମଲ୍ଟି ସ୍ପେଶାଲିଷ୍ଟ ହସ୍‌ପିଟାଲ୍‌ର ଶିଳାନ୍ୟାସ

ଡେରାବିଶ, ୨୩।୨(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମରେ ୫୦ ଶଯ୍ୟା ବିଶିଷ୍ଟ ସାଇ ଆରୋଗ୍ୟ ମଲ୍ଟି ସ୍ପେଶାଲିଷ୍ଟ ହସ୍‌ପିଟାଲ୍‌ର ଶିଳାନ୍ୟାସ କରାଯାଇଛି। ସଞ୍ଜୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମଧୁସୂଦନ ସାଇ ଯୋଗଦେଇ ପୂଜାର୍ଚ୍ଚନା ପୂର୍ବକ ହସପିଟାଲ୍‌ର




ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାରେ ପ୍ରଥମକରି ଏହି ଦାତବ୍ୟ ଚିକିତ୍ସାଳୟରେ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଡାକ୍ତରଙ୍କ ପରାମର୍ଶ, ଚିକିତ୍ସା, ସମସ୍ତ ପ୍ରକାର ରୋଗର ପରୀକ୍ଷା ଓ ଅସ୍ତ୍ରୋପଚାର ଇତ୍ୟାଦି ସେବା ଯୋଗାଇ ଦିଆଯିବ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ଏହି ଚିକିତ୍ସାଳୟ କେନ୍ଦ୍ରାପଡ଼ାର ଜନସାଧାରଣଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ସମଗ୍ର ଓଡ଼ିଶାର ଲୋକଙ୍କର ସେବାରେ ଲାଗିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ୧୦ ଏକର ପରିମିତ ସ୍ଥାନରେ ଏହି ହସପିଟାଲ୍‌ର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ। ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶଶାଙ୍କ ଶେଖର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଡେରାବିଶ ବିଡିଓ ନମିତା ବାରିକ, ସିଡିପିଓ ହରପ୍ରିୟା ଦେବୀ, ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିପିଏମ୍ ଅମୀୟ ରାଉତ, ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ, ହରିଅଙ୍କର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକା ଛାତ୍ରୀ ଉଦ୍ଧାର

ପଟ୍ଟାମୁଣ୍ଡାଇ,୨୩।୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର +୨ ପଢୁଥିବା ନାବାଳିକା ଛାତ୍ରୀ ଗତ ମହାଶିବରାତ୍ରୀ ଦିନ ସ୍ଥାନୀୟ ଏକ ମନ୍ଦିରକୁ ମହାଦେବ ଦର୍ଶନ ପାଇଁ ଯାଇ ଘରକୁ ଫେରି ନ ଥିଲେ। ନାବାଳିକା ପରିବାର ବନ୍ଧୁ ବାନ୍ଧବଠାରୁ ଆରମ୍ଭ କରି ସାଙ୍ଗ ସାଥୀ ପର୍ଯ୍ୟନ୍ତ ବହୁ ଖୋଜା ଖୋଜି ପରେ ଝିଅକୁ ନ ପାଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ଶେଷରେ କୌଣସି ଉପାୟ ନ ପାଇ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ସମ୍ପର୍କରେ ଆଦର୍ଶ ଥାନା ପୁଲିସ ଏକ ମୋକଦମା ରୁଜୁ କରି ତ୍ୱରିତ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଅପହରଣ ମାମଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଏକ ସ୍ୱତନ୍ତ୍ର ଟିମ ଗଠନ କରି ନାବାଳିକା ଅପହରଣର ୬ଦିନ ମଧ୍ୟରେ ଅପହୃତା ନାବାଳିକାକୁ ଉଦ୍ଧାର କରି ପରିବାର ଜିମା ଦେବା ସହିତ ପଟ୍ଟାମୁଣ୍ଡାଇ କୋର୍ଟ ଓ ସିଡବ୍ଲ୍ୟୁସିରେ ହାଜର କରିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ନାବାଳିକା ଉଦ୍ଧାର ହେବା ସହିତ କୌଣସି ଅଘଟଣକୁ ଏଡାଇ ଦିଆଯାଇପାରିଛି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡେରାବିଶ,୨୩।୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ନରସିଂହପୁର ଗ୍ରାମର ଜୟନ୍ତ ପଣ୍ଡାଙ୍କ ପୁଅ ପ୍ରଭୁଦତ୍ତ (୨୨)ଙ୍କ ଗତକାଲି ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ପ୍ରଭୁଦତ୍ତ ଗତକାଲି ରାତିରେ ଗ୍ରାମ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଆଜି ସକାଳେ ପ୍ରଭୁଦତ୍ତଙ୍କ ଚପଲ ଗ୍ରାମ ପୋଖରୀରେ ଭାସୁଥିବା ଦେଖି ସନ୍ଦେହରେ ପୋଖରୀରେ ଖୋଜିବାରୁ ପୋଖରୀର ଗଭୀର ପାଣିରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଚାନ୍ଦୋଳ ଫାଣ୍ଡି ପୁଲିସ୍ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ବିଭୁଦତ୍ତ ତାଙ୍କ ବାପାମାଆଙ୍କ ଏକମାତ୍ର ପୁଅ ହୋଇଥିବାରୁ ପରିବାରରେ ତଥା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବାଇକ୍‌କୁ ଧକ୍କା ଦେଲା ଅଟୋ, ବୃଦ୍ଧ ଗୁରୁତର

ଆଳି,୨୩।୨(ସମିସ): ଆଳି ଥାନା ଅନ୍ତର୍ଗତ ଆୟତପୁର କଲେଜ ନିକଟରେ ଏକ ବାଇକ୍‌କୁ ଅଟୋ ଧକ୍କା ଦେବା ଫଳରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଥିବା ଜଣାପଡିଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଣ୍ଡରା ଅମୃତମଣୋହି ଅଞ୍ଚଳର ବସନ୍ତ ମଲିକ (୭୧) ଜରୁରୀ କାମରେ ବାଇକ ଯୋଗେ ଆଳି ଯିବା ସମୟରେ ଆୟତପୁର



କଲେଜ ନିକଟରେ ଏକ ଅଟୋ ଧକ୍କା ଦେବା ଫଳରେ ସେ ବାଇକ୍‌ରୁ ଛିଟକି ପଡ଼ିଥିଲେ। ତାଙ୍କ ହାତ, ଅଣ୍ଟା, ମୁହଁ, ମୁଣ୍ଡ ଓ ଡାହାଣ ପାଦରେ ଶକ୍ତ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପରେ ଡାହାଣ ଗୋଡ଼ ପାଦ ଭାଙ୍ଗିଯାଇଥିବା ଜଣାପଡିଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

## ବଳଦେବ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



କେନ୍ଦ୍ରାପଡ଼ା,୨୩।୨(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଉଚ୍ଚବିଦ୍ୟାଳୟ ୧୯୬୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତୁଳସୀକ୍ଷେତ୍ରସ୍ଥ ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିର ପାର୍ଶ୍ୱସ୍ଥ ହେରିଟେଜ କଟେଜ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୭ ବର୍ଷ ପରେ ସହପାଠୀ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ତାଜା କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବଳଦେବଜୀଉଙ୍କ ସ୍ତୋତ୍ର ପାଠ କରାଯାଇଥିଲା। ପରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବର୍ତ୍ତମାନର ଅତିକ୍ରାନ୍ତ ବୟସରେ ଅବଶିଷ୍ଟ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ବିତାଇବା ପାଇଁ ସମସ୍ତେ ବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସଂଯୋଜକ ମାଧବ ଚନ୍ଦ୍ର ପତ୍ରୀ ଉପସ୍ଥିତ ସମସ୍ତ ବନ୍ଧୁଙ୍କୁ ଧନ୍ୟବାଦ ଜଣାଇଥିଲେ।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ଜିଲ୍ଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତ ନେଇ ଅସନ୍ତୋଷ

ଗରଦପୁର,୨୩।୨(ସମିସ)

ଗରଦପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ ଥିଲେ। ସେମାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିବିରରେ ଯୋଗ ଦେଇଥିଲେ। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଶିବିରରେ ୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।

ଉକ୍ତ ଶିବିରରେ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୬୮ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪




ଜଣଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ କେବଳ ୮ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଶୀଘ୍ର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବର୍ଷ ବର୍ଷ ଧରି ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ନିରାଶା ବଢ଼ିଛି। ଅନେକ ଅଭିଯୋଗ କେବଳ ଫାଇଲ ମଧ୍ୟରେ ସୀମିତ ରହିଯାଉଥିବାବେଳେ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଷ୍ଟାଫ ଅଭାବ ଓ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ହେଉଥିବା ଅଭିଯୋଗ ଉଠିଛି।

**୮ ଟି ଅଭିଯୋଗର ତତ୍କାଳ ସମାଧାନ**

ଚାଷୀଙ୍କ ସମସ୍ୟା ମଧ୍ୟ ଗୁରୁତର ରୂପ ନେଇଛି। କେନାଲରେ ପାଣି ନ ଆସିବାରୁ ମୁଗ ଫସଲ ନଷ୍ଟ ହୋଇଥିବାବେଳେ ପାଣି ଅଭାବରୁ ଚାଷ କାମ ବାଧାପ୍ରାପ୍ତ ହେଉଛି। ପୋଖରୀ ଖନନ କରିଥିଲେ ମଧ୍ୟ ଚାଷୀ ବିଲ୍ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସାଲାଇନ ଘୋଷଣା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରୟୋଜନୀୟ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି।

ଏଥିସହ ଅଞ୍ଚଳର ବହୁ ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାରୁ ସେଗୁଡ଼ିକ ମରଣଯନ୍ତା ପାଲଟିଥିବା ସ୍ଥାନୀୟ ଲୋକ କହିଛନ୍ତି। କର୍କଟ ପୀଡ଼ିତା କଳ୍ପନା ପଣ୍ଡାଙ୍କ ଭତ୍ତା ଆକାଉଣ୍ଟ ବନ୍ଦ ହୋଇଥିବାରୁ ସେ ଭତ୍ତା ଟଙ୍କା ପାଇପାରୁ ନ ଥିବାବେଳେ ଜୟଶ୍ରୀ ଦାଶ ଆୟୁଷ୍ମାନ କାର୍ଡ ସମସ୍ୟା ଯୋଗୁଁ ବାଧ୍ୟ ହୋଇ ସୁଧରେ ଋଣ ନେଇ ଚିକିତ୍ସା କରାଇଥିବା ଜଣାପଡ଼ିଛି। ଏହାଛଡ଼ା ବର୍ଷ ବର୍ଷ ଧରି ଜମି ଡିମାରକେସନ ହୋଇ ନ ଥିବାରୁ ତହସିଲ କାର୍ଯ୍ୟାଳୟର କାର୍ଯ୍ୟ ପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର (ଜମି ଅଧିଗ୍ରହଣ), ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବଡ଼ପଡ଼ିଆ ପରିବା ମାର୍କେଟରେ ଅଗ୍ନିକାଣ୍ଡ ଘଟଣା

# ବନ୍ଦର ସଚିବ ଓ ଇଷ୍ଟେଟ୍ ଅଫିସରଙ୍କ ପରିଦର୍ଶନ

ପାରାଦୀପ,୨୩।୨(ସମିସ)



ଶନିବାର ବିଳମ୍ବିତ ରାତିରେ ପାରାଦୀପ ବଡ଼ପଡ଼ିଆ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟି ୩୦ରୁ ଊର୍ଦ୍ଧ୍ୱ ଦୋକାନ ଘର ପୋଡି ଯିବା ଘଟଣାରେ ଆଜି ବନ୍ଦର ସଚିବ ଓ ଇଷ୍ଟେଟ୍ ଅଫିସର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଆଜି ସକାଳେ ପାରାଦୀପ ବନ୍ଦରର ସଚିବ କୃଷ୍ଣବାପି ରାଜୁ ଓ ବନ୍ଦର ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପୋଡ଼ି ଯାଇଥିବା ଦୋକାନ ଘର ଗୁଡିକ ବୁଲି ଦେଖିବା ସହ ବ୍ୟବସାୟୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଉ ଜରି ପାଲ ଘର ରହିବ ନାହିଁ, ପିଣ୍ଡି ତିଆରି କରି ଉପରେ ପାଇପ ସହ ସିଟ୍ ପଡିବ ବୋଲି କହିଥିଲେ। ପିଣ୍ଡିର ସାଇଜ କେତେ ରହିବ ବନ୍ଦରର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ମଇଳା ଓ ପରିବା ଚୋପା ନଈକୁ ନ ପକାଇବା ପାଇଁ ପଛ ପଟେ ୱାଲ ରହିବ। ପିଣ୍ଡି ପଛ ପଟେ ଥିବା ପଡିଆରେ ଗାଡ଼ି ପାର୍କିଂ ପାଇଁ ସ୍ଥାନ ଦିଆଯିବ। ଏହି ପିଣ୍ଡିର ଭଡ଼ା ପ୍ରତ୍ୟକ ବର୍ଷ ପୋର୍ଟରେ ପଇଠ କରାଯିବ। ତୁରନ୍ତ ତିନି ମାସ ମଧ୍ୟରେ ଏହି କାର୍ଯ୍ୟକୁ ସାରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ଫୁଲ ଚାରା ବିକ୍ରି ହେଉଥିବା ପଡିଆ ନିକଟରେ ବ୍ୟବସାୟ ଆରମ୍ଭ କରିବେ। ଏହି ପିଣ୍ଡି ବଡ଼ ପଡିଆ ମାର୍କେଟର ସମସ୍ତ ପରିବା ବ୍ୟବସାୟୀଙ୍କ ପାଇଁ ନିର୍ମାଣ ନିର୍ମାଣ କରାଯିବ। ପିଣ୍ଡି ନିର୍ମାଣ ସରିଲେ ନୂତନ ଭାବେ ସେହି ସ୍ଥାନରେ ହିଁ ପରିବା ହାଟ ପୂର୍ବଭଳି ଚାଲିବ ବୋଲି କୁହାଯାଇଥିଲା। ପରିଦର୍ଶନ ବେଳେ ବଣିକ ସଂଘର ପୂର୍ବତନ ସଭାପତି କ୍ଷୀରୋଦ ସ୍ୱାଇଁଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ତେବେ ଦୁଇ ଦିନ ହେବ ବ୍ୟବସାୟୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ କୌଣସି ବ୍ୟବସାୟ ମଧ୍ୟ କରି ପାରିନାହାଁନ୍ତି।

# ଚାରି ମହଲା ଛାତରୁ ପଡ଼ି ମହିଳା ମୃତ

ପାରାଦୀପ,୨୩।୨(ସମିସ): ଆଜି ଭୋର ୫ଟାରେ ତାରିଣୀ ଗଡ଼ା ଅଞ୍ଚଳର ଏକ ଚାରି ମହଲା କୋଠା ଘରର ଛାତରୁ ଜଣେ ମହିଳା ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପାରାଦୀପ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତ୍ୟଦେହ ଉଦ୍ଧାର କରିଥିଲେ। ତେବେ ସେ ମହିଳା ଜଣଙ୍କ କିଏ ଏବଂ କିପରି ଓ କାହିଁକି ତାଙ୍କର ଏପରି ମୃତ୍ୟୁ ଘଟିଲା ତାହା ଏବେବି ରହସ୍ୟ ଘେରରେ ରହିଛି। ମହିଳା ଜଣଙ୍କ କାହିଁକି ଏଠାକୁ ଆସିଥିଲେ, ତାଙ୍କୁ କିଏ ଆଣିଥିଲା ଏବଂ ତାଙ୍କ ଘର କେଉଁଠି? ଯାହା ଏବେ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପର୍ଯ୍ୟନ୍ତ ପୁଲିସ ମହିଳାଙ୍କ ପରିଚୟ ପାଇନଥିବା ବେଳେ ସନ୍ଦେହରେ ସେହି କୋଠାରେ ରହୁଥିବା ୪ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ଅଟକ ଯୁବକ ମାନେ ବିହାରୀ ଯୁବକ ବୋଲି ପୁଲିସ କହିଛି। ମହିଳା ଜଣଙ୍କ ଛାତ ଉପରୁ ପଡ଼ିବା ସମୟରେ ଦୁଇ ମହଲା ନିକଟରେ ଯାଇଥିବା ଗ୍ୟାସ ପାଇପ ଲାଇନରେ ତାଙ୍କ କପଡ଼ା ଓହଳି ଥିବା ଦେଖିବାକୁ ମିଳିଥିଲା। ମହିଳା ଜଣଙ୍କ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ତଳେ ପଡିଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ପୁଲିସ ଦେଖିବାକୁ ପାଇଛି।

ତେବେ ଉକ୍ତ ଚାରି ମହଲା ବିଶିଷ୍ଟ କୋଠା ଘରେ ଯେଉଁ ସବୁ ଘର ରହିଛି, ସବୁଥିରେ ଏକ ଘରୋଇ କମ୍ପାନୀ ପ୍ରୋଜେକ୍ଟର କିଛି କର୍ମଚାରୀ ରହୁଥିଲେ। ତେବେ ଏମାନଙ୍କ ମଧ୍ୟରୁ ଗୋଟିଏ ଘରେ କମ୍ପାନୀର ୯ ଜଣ ଷ୍ଟାଫ ରହୁଥିଲେ। ଛାତ ଉପରେ ମହିଳାଙ୍କ ଚପଲ ଥୁଆ ହୋଇଥିବା ବେଳେ ପାଖରେ ମଦ ବୋତଲ, ପୋଡ଼ା ସିଗାରେଟ, ମଶା ଧୂପ, ଖଇନି ଜରି ପଡ଼ିଥିଲା। ବିଳମ୍ବିତ ରାତିରେ ସମସ୍ତେ ଶୋଇଯିବା ପରେ ଏହି ଯୁବକମାନେ ମହିଳାଙ୍କ ସହିତ କିଛି ଆପତ୍ତି ଜନକ କାର୍ଯ୍ୟ କରିଥିବା ପୁଲିସ ଅନୁମାନ କରୁଛି। କିନ୍ତୁ ପୁଲିସ୍ ପ୍ରକୃତ ରହସ୍ୟ ଖୋଜିପାଇନାହିଁ। ପାରାଦୀପ ଆଡ଼ିସିନାଲ ଏସ୍‌ପି ସ୍ମୃତି ରଞ୍ଜନ କର ଓ ଆଦର୍ଶ ଥାନା ଆଇଆଇସି କାବୁଲି ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ୍‌କୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଥିଲେ ମଧ୍ୟ ମହିଳାଙ୍କ ପରିଚୟ ମିଳିନାହିଁ। ଖୁବଶୀଘ୍ର ସମସ୍ତ ସତ୍ୟାସତ୍ୟ ସମ୍ନାକୁ ଆସିବ ବୋଲି ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଛନ୍ତି। ଘର ଚାରି ପାଖରେ ଲାଗିଥିବା ସିସିଟିଭିକୁ ପୁଲିସ ଯାଞ୍ଚ କରିବା ପାଇଁ ଚେଷ୍ଟା ଜାରି ରଖିଛି। ସିସିଟିଭି ଯାଞ୍ଚ ହେଲେ ଘଟଣାର ଅଧିକ ସତ୍ୟତା ଜଣା ପଡିପାରେ ବୋଲି ପୁଲିସ ସୂଚନା ଦେଇଛି।

ମିଳିପାରୁନି ମହିଳାଙ୍କ ପରିଚୟ

# ବରମୁଣ୍ଡଳୀ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ

ବାଲିକୁଦା,୨୩।୨(ସମିସ): ବରମୁଣ୍ଡଳୀ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ ପଞ୍ଚାୟତ ସଭାପତି ସୁବାସ ନାୟକଙ୍କ ସଭାପତିତ୍ୱରେ ବରଦିଆସ୍ଥିତ ମା' ନଳକଣି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ରାଜ୍ୟରେ ଥିବା ବିଜେପି ସରକାର ଚାଷୀଙ୍କୁ ଶୋଷଣ କରୁଥିବା ଓ ସବୁଥିରେ ଫେଲ୍ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ମହିଳା ଟିମ୍‌ରେ ସମ୍ପାଦିକା ଭାବେ ସ୍ଥାନ ପାଇଥିବା ତଟିନା ସ୍ୱାଇଁଙ୍କ ସମେତ ଜିଲ୍ଲା ସଂଗଠନରେ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ପଞ୍ଚାୟତ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଦଳର ବରିଷ୍ଠ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସରପଞ୍ଚ ରାଜଶ୍ରୀ ଖଟୁଆ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସେନାପତି ଓ ଦୀପକ ସେନାପତିଙ୍କୁ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ତଟିନା ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ଯୁଗଳ କିଶୋର ମହାନ୍ତି, ପୂର୍ବତନ ପାରିଷଦ ଶଙ୍କର ରାଉତ, ସମିତିସଭ୍ୟ ପ୍ରତିନିଧି ଅନାଦି ଚରଣ ବେହେରା, ସଞ୍ଜୟ ନାୟକ, ମୁନା ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ଦଳାଇ, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ପ୍ରସାଦ ମିଶ୍ର, ଯୁବ ସଭାପତି ଆସିକ ମହାନ୍ତି, ଗୋବିନ୍ଦ ମହାନ୍ତି, ଶ୍ରୀଧର ପରିଡା, ସୁଦର୍ଶନ ପରିଡା, ଉଲ୍ଲାସ ଚନ୍ଦ୍ର ଜେନା, ଜଗବନ୍ଧୁ ଦଳାଇ, ହରି ନାୟକ, ମାନସ ଆଚାର୍ଯ୍ୟ, ସାଧୁ ମହାରଣା, ନ୍ୟାବ ସରପଞ୍ଚ ସନ୍ତୋଷ ବିଶ୍ୱାଳ, ମୋହନ ମିଶ୍ର, ଦୁଷ୍ମନ୍ତ ଦଳାଇ, ପ୍ରକାଶ ସ୍ୱାଇଁ, ହେମନ୍ତ ବେହେରା, ନିରଞ୍ଜନ ଜେନା, ହେମନ୍ତ ସେନାପତି, ଶିଶିର ପରିଡାଙ୍କ ସମେତ ବହୁ ନେତା ଦଳୀୟ ନେତା ଏଥିରେ ସାମିଲ ହୋଇଥିଲେ।

# ଏରସମାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ଏରସମା,୨୩।୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୯ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୮ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୮ଟି, ପୋଲିସ୍ ସହାୟତା ପାଇବା ପାଇଁ ୩ଟି, ଭତ୍ତା ପାଇବା ପାଇଁ ୧୨ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏରସମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣିରେ ସହଯୋଗ କରିଥିଲେ।

### ଅସ୍ତ୍ରୋପଚାର ପରେ ୧୭ ମହିଳା ତଳେ ଶୋଇବା ଘଟଣା

# ପୁଣି ଦୁଇ ଜଣଙ୍କୁ ନୋଟିସ୍ ଜାରି

ନାଉଗାଁ,୨୩।୨(ସମିସ): ଗତ ୧୮ ତାରିଖରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ହେବାକୁ ଆସିଥିଲେ ୧୭ ଜଣଙ୍କୁ ଅସ୍ତ୍ରୋପଚାର ପରେ ମେଡିକାଲରେ ବେଡ୍ ନ ଦିଆଯାଇ ତଳେ ଶୁଆଇ ଦିଆଯାଇଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୪୪/୧୯-୦୨-୨୦୨୬ ତାରିଖରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଚିଦଭୂଷଣ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ଡା. ପଣ୍ଡା ଏବେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ତନ୍ମୟକୁମାର ପରିଡା ଓ ଦାୟିତ୍ୱରେ ଥିବା ପିଏଚ୍‌ଇଓ ତ୍ରିଲୋଚନ ମହାନ୍ତିଙ୍କୁ ୱାର୍ଣ୍ଣିଂ ନୋଟିସ୍ ଜାରି କରାଯାଇଥିବା ପ୍ରକାଶ କରିଛନ୍ତି। ସଦ୍ୟ ଅସ୍ତ୍ରୋପଚାର ହୋଇଥିବା ମହିଳାମାନେ ଏଭଳି ଅଭାବନୀୟ ସ୍ଥିତିରେ ଶୋଇଥିବା ଘଟଣା ଜିଲ୍ଲା ପ୍ରଶାସନର ନଜରକୁ ଆସିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ଓ ଯାହାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ସେ ପୁଣି ଆଉ ଦୁଇଜଣଙ୍କୁ ୱାର୍ଣ୍ଣିଂ ନୋଟିସ୍ ଦେବା ସମସ୍ତଙ୍କୁ ବେଶ ଆଶ୍ଚର୍ଯ୍ୟ କରିଛି। ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନାଉଗାଁ ସ୍ୱାସ୍ଥ୍ୟ ବିଭାଗକୁ ଓ ସେ ପୁଣି ଆଉ ଦୁଇଜଣଙ୍କୁ ନୋଟିସ୍ ଜାରି କରିବାରେ ମଧ୍ୟ ସପ୍ତାହ ବିତିବାକୁ ବସିଲାଣି। ଜିଲ୍ଲାରେ ଏଭଳି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ପଦାକୁ ଆସିଥିବା ବେଳେ କେବଳ ନୋଟିସ୍‌ରେ ନୋଟିସ୍‌ରେ ଏହା ଦବି ଯିବାକୁ ବସିଛି। ବିପିଏମ ଉକ୍ତଦିନ ଜଗତସିଂହପୁର ଏକ ଟ୍ରେନିଂରେ ଯାଇଥିବା ଓ ସେ କିଛି ଜାଣି ନଥିବା କହୁଛନ୍ତି। ତେବେ କାର୍ଯ୍ୟକ୍ରମ ତାଙ୍କ ତତ୍ତ୍ୱାବଧାନରେ ହେବା କଥା ଓ ତାଙ୍କ ଟ୍ରେନିଂ ଦିନ କିଭଳି ଏହି ଅସ୍ତ୍ରୋପଚାର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା ତାହା ମଧ୍ୟ ତଦନ୍ତ ସାପେକ୍ଷ। ଜିଲ୍ଲାରେ ଏଭଳି ଆଉ କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ପରେ ମହିଳାଙ୍କୁ ଏଭଳି ତଳେ ଶୁଆ ଯାଉଛି ଓ ତାହା ସମସ୍ତଙ୍କ ଜାଣିବାରେ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ଅନେକ ପ୍ରକାଶ କରିଛନ୍ତ।

# କଟକ ପାରାଦୀପ ରାସ୍ତାରେ ଦୁର୍ଘଟଣା

କୁଜଙ୍ଗ,୨୩।୨(ସମିସ): କଟକ ପାରାଦୀପ ରାସ୍ତା କଡ଼ରେ ଛିଡା ହୋଇଥିବା ଗାଡ଼ି ଯୋଗୁ ଆଜି ଜଣେ କଲେଜ ଛାତ୍ର ଦୁର୍ଘଟଣାର ଶିକାର ହୋଇ ଜୀବନ ସହ ସଙ୍ଘର୍ଷ କରୁଛନ୍ତି। ଗୁରୁତର ଛାତ୍ର ହେଉଛନ୍ତି ତାରାପ୍ରସାଦ ମଲ୍ଲିକ (ଜିତୁ)। ସେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ନାଳଦିଆ ପାଳନ୍ଦାର ସାରଦା ପ୍ରସାଦ ମଲ୍ଲିକଙ୍କ ପୁଅ। ଦୁର୍ଘଟଣା ପରେ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଦସ୍ୟ ଓ କୁଜଙ୍ଗ ଅଗ୍ନିଶମ ବାହିନୀ ପୀଡିତ ଯୁବକଙ୍କୁ ଉଦ୍ଧାର କରିବା ପରେ କୁଜଙ୍ଗ ମେଡିକାଲ ଓ ପରେ କଟକ ପଠାଇଛନ୍ତି। ସେହିପରି କୁଜଙ୍ଗ ଓ ବଳରାମପୁର ଗଡା ନିକଟରେ ରାସ୍ତା କଡରେ ସରକାରୀ ମଦ ଦୋକାନ ଯୋଗୁ ଦୁର୍ଘଟଣା ବଢୁଥିବା ଶିକ୍ଷାବିତ୍ ନିଶାକର ମୁଦୁଲି ଅଭିଯୋଗ କରିଛନ୍ତି। ଏହି ମର୍ମରେ ଆଜି ଜଣେ ଯୁବକ ଅତ୍ୟଧିକ ମଦ୍ୟ ପାନ କରି ଗାଡ଼ି ଚଳାଇବା ଓ ରାସ୍ତା କଡ଼ରେ ପଡି ରହିଥିବା ଦେଖିବାକୁ ମିଳିଥିଲା। କୁଜଙ୍ଗରୁ ପନ୍ଦର ନମ୍ବର୍ ମଧ୍ୟରେ ପ୍ରତି ଦିନ ଛୋଟ ବଡ ଦୁର୍ଘଟଣା ମାନ ଘଟି ଚାଲିଛି। ଏହି ଅଞ୍ଚଳରେ ପାଖା ପାଖି ତିନୋଟି ତେଲ ଟାଙ୍କି ଯୋଗୁ ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ, ରାସ୍ତା କଡ଼ରେ ଥିବା ମଦ ଦୋକାନ ଓ ଅତ୍ୟଧିକ ଭାରୀଯାନ ଯାତାୟାତ ଯୋଗୁ ଦୁର୍ଘଟଣା ଘଟୁଛି। କୁଜଙ୍ଗ ନିକଟ କଟକ ପାରାଦୀପ ରାସ୍ତାର ଟ୍ରାଫିକ ବ୍ୟବସ୍ଥା ଓ ରାସ୍ତାରେ ପଥଚାରୀ ଓ ବାଇକ୍ ଆରୋହୀଙ୍କ ଜୀବନ ଦୁର୍ବିସହ ହୋଇ ଯାଇଛି।

# ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦଯାପିତ




ଜଗତସିଂହପୁର,୨୩।୨(ସମିସ): ଜଗତସିଂହପୁର ଜିଲ୍ଲା ଚଷାପଡ଼ା ପଞ୍ଚାୟତସ୍ଥ ସାହାଡ଼ା ଗ୍ରାମରେ ସପ୍ତାହ ବ୍ୟାପୀ ଆୟୋଜିତ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଗୋପିନାଥ ଦାତବ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟକିଶୋର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜ ଶ୍ରୀମଦ୍ ଭାଗବତ ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଦିବସର ପୂର୍ବାହ୍ନରେ ଗୋପିନାଥଜିଉଙ୍କ ଚଳନ୍ତି ବିଗ୍ରହଙ୍କୁ ପଞ୍ଚାୟତର ସମସ୍ତ ଗ୍ରାମକୁ ନଗର ଭ୍ରମଣରେ ନିଆଯାଇଥିଲା। ଅପରାହ୍ନରେ ଶ୍ରୀମଦ୍ ଭଗବତ୍ ଗୀତାରେ ଆହୁତି ପ୍ରଦାନ ସଂଗେ ସଂଗେ ଦିଅଁମାନଙ୍କୁ ସିଂହାସନ ଆରୋହଣ କରାଯାଇଥିଲା। ନୂତନ ବିଗ୍ରହ ସ୍ଥାପନ ପରେ ବିଶିଷ୍ଟ କ୍ରିୟାଯୋଗୀ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ଶ୍ରୀଶ୍ରୀ ଗୋପିନାଥଜିଉ ଓ ମା' ରାଧାରାଣୀଙ୍କ ପ୍ରଥମ ଆଳତି କରିଥିଲେ। ପ୍ରକାଶ ଥାଉକି ସ୍ୱାମୀ ଶ୍ରଦ୍ଧାନନ୍ଦ ଜୀ ମହାରାଜ ଏହି ମନ୍ଦିର ଶୁଭ ଦେଇଥିଲେ। ପ୍ରାରମ୍ଭରେ ନାଇଜରର ପ୍ରାକ୍ତନ କୁଳସଚିବ ତଥା ଟ୍ରଷ୍ଟି ଡ. ଅଭୟ ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ ଶତପଥି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁରେଶ ଚୌଧୁରୀ, ହରେକୃଷ୍ଣ ରାୟ ଓ ସୌଭାଗିନୀ ରାୟ। ଶେଷରେ ନିର୍ମାଲ୍ୟର ମୁଖ୍ୟ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର କାନ୍ତ ଦାସ, ସୁଦର୍ଶନ ରାୟ, ଲଲାଟେନ୍ଦୁ ରାୟ, ଗିରିଜା ପ୍ରସାଦ ନନ୍ଦ, ରାମେଶ୍ୱର ସାହୁ, ଲଲାଟେନ୍ଦୁ ରାୟ ଏବଂ ଇପ୍ସିତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# 'ବଜେଟ ଓ ଜଗତସିଂହପୁର ଜିଲ୍ଲା' ଶୀର୍ଷକ ଆଲୋଚନାଚକ୍ର



ଜଗତସିଂହପୁର,୨୩।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗହ୍ମାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ପ୍ଳେଶ୍ୱରୀ ନାରାୟଣୀଙ୍କ ପୀଠରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସୁଧାକର ଦ୍ୱିବେଦୀ ବକ୍ତୃତା ମାଳାର ଶୀର୍ଷକ "ବଜେଟ- ୨୦୨୬-୨୭ ଓ ଜଗତସିଂହପୁର ଜିଲ୍ଲା' ସମ୍ପର୍କୀୟ ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ଉପଦେଷ୍ଟା ସୁରେନ ରାଉତ, ଯୁଗ୍ମ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ବିଜନ ମହାପାତ୍ର, କୋଷାଧ୍ୟକ୍ଷ ରବି ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିସହିତ ଲୁଣା ଜଙ୍ଗଲର ସୁରକ୍ଷା ନିମନ୍ତେ ଅଧିକ ଅର୍ଥ ବ୍ୟୟ ବରାଦ କରିବା ପାଇଁ ନିବେଦନ କରାଯାଇଥିଲା। ସେହିପରି ଜଗତସିଂହପୁର ଜିଲ୍ଲାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲାଯିବାର ବ୍ୟବସ୍ଥା କରାଯିବା ସମ୍ପର୍କ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଉକ୍ତ ବୈଠକରେ ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ ଓ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ବିଶ୍ୱଜିତ ଦାଶ, କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ରାଉତରାୟ, ଆଶୁତୋଷ ମହାପାତ୍ର, ଅଜୟ କୁମାର ବରାଳ, ରଞ୍ଜନ କୁମାର ମିଶ୍ର, ଶିବପ୍ରସାଦ ମାଝୀ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବରେ ସ୍ମରଣିକା 'ସୁଧାସୌରଭ' ପ୍ରକାଶ ପାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଲୋକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ମାତୃଶକ୍ତି କ୍ଲବ୍ ଚାମ୍ପିଅନ୍



ବାଲିକୁଦା,୨୩।୨(ସମିସ): ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ବାର୍ଷିକ ଆଲୋକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦଶବାଟିଆ ସ୍ଥିତ ମେଦ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖଣ୍ଡଗିରି ଗାଦୀବ୍ରହ୍ମ କ୍ରିକେଟ୍ କ୍ଲବ ଗଣ୍ଡକୁଳ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଏସ କେ ଅମିତ କୁମାର ସର୍ବାଧିକ ୪୬ ରନ କରିଥିଲେ। ଏହାର ଜବାବରେ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ୧୮ ଓଭରରେ ୬ ୱିକେଟ ହରାଇ ଅଧିନାୟକ ସରୋଜ ସ୍ୱାଇଁଙ୍କ ୬୭ ରନର ବଳରେ ୧୬୩ ରନ କରି ଚାମ୍ପିଅନ ହୋଇଥିଲା। ମ୍ୟାଚରେ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ରାହୁଲ ବେହେରା, ଶ୍ରେଷ୍ଠ ବୋଲର ରାକେଶ ପରିଡା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ମହେଶ ମଲ୍ଲିକ, ମ୍ୟାନ ଅଫ ଦି ମ୍ୟାଚ ବ୍ରହ୍ମଜିତ ବିଶ୍ୱାଳ, ମ୍ୟାନ ଅଫ ଦି ସିରିଜ ସରୋଜ ସ୍ୱାଇଁ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ଧିରେନ ମହାନ୍ତି, ସତ୍ୟଜିତ ରାଉତ ଓ ଜିତେନ୍ଦ୍ର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂରେ ପ୍ରସନଜିତ ଗୋଛାୟତ, ବଣ୍ଟି ଜେନା, ମଳୟ ପରିଡା ସହଯୋଗ ପ୍ରଦାନ କରିଥିଲେ। ଏହି ଅବସରରେ ସାମ୍ବାଦିକ ପ୍ରଣବ ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ମୁଖ୍ୟବକ୍ତା ଭାବେ ସମାଜସେବୀ ତପନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୟନ୍ତ ପରିଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ସ୍ୱାଇଁ, କୃପାସିନ୍ଧୁ ମହାନ୍ତି, ବିବେକାନନ୍ଦ ମହାନ୍ତି, ନିର୍ମଳ ମହାନ୍ତି, ଆସିକ ମହାନ୍ତି, ଧ୍ରୁବଚରଣ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ପରିଡା, ଦିଲ୍ଲୀପ ପରିଡା, ତୁଷାର ପରିଡା, ରଞ୍ଜନ ମହାନ୍ତି, ଶିଶିର ପରିଡାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ଓ ଦଶବାଟିଆ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

### ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ପାଇଁ ଚିଠି ଲେଖିଲେ ବିଧାୟକ

# ଉତ୍ସବ ସରିବାର ୧୦ ମାସ ପରେ ମଧ୍ୟ ହେଉନି ସମୀକ୍ଷା

ଜଗତସିଂହପୁର, ୨୩।୨(ସମିସ)

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫' ସରିବାର ୧୦ ମାସରୁ ଅଧିକ ସମୟ ବିତିଗଲାଣି। ହେଲେ ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୁଲତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ଡକାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ କିନ୍ତୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଟ।

ଗତ ଏପ୍ରିଲ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୫'। ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ ଡାକିବାକୁ ଗତ ଜୁଲାଇ ୧୮ ତାରିଖରେ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଇତି ମଧ୍ୟରେ ୭ ମାସ ବିତି ଯାଇଥିବା ବେଳେ କେବେ ଏହି ସମୀକ୍ଷା ବୈଠକ ହେବ ତାହା ଅସ୍ପଷ୍ଟ ରହିଛି। ଜଣେ ଶାସକ ଦଳର ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିବା ସାଧାରଣରେ ଆଲୋଚନାର ଖୋରାକ ଯୋଗାଇଛି। ଏବେ ପୁଣି ଥରେ ଗତ ଫେବୃୟାରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ବିଧାୟକ। ସେହିପରି ଏହି ବିଷୟରେ ଜିଲ୍ଲାପାଳ ଜେ.ସୋନାଲ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କ ନୀରବତା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନ ଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ଉପରେ ସନ୍ଦେହ ହେଉଛି। ସେପଟେ ଜିଲ୍ଲା ସଂସ୍କୃତି ବିଭାଗ ଉତ୍ସବର ଆୟବ୍ୟୟ ବିବରଣୀ ନୋଟିସ୍ ବୋର୍ଡରେ ଝୁଲାଇ ଦେଇ ନିଜ କାମ ସାରି ଦେଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ସେ ସମୟରେ ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଚଳିତବର୍ଷ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ସେହିପରି ଏହି ଜିଲ୍ଲାସ୍ତରୀୟ ଉତ୍ସବ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକାରେ କେତେକ କମିଟି ସଦସ୍ୟଙ୍କ ନାମ ନଥିବା ଦେଖାଯାଇଥିଲା। କିନ୍ତୁ ଜିଲ୍ଲା ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନୁପସ୍ଥିତ ଥିବା ଏବଂ ପୂର୍ବରୁ କୌଣସି କମିଟିରେ ସଦସ୍ୟ ନଥିବା ଜଣେ ବ୍ୟକ୍ତିଙ୍କ ନାମ କିପରି ସ୍ମରଣିକା ସବ୍-କମିଟିରେ ସ୍ଥାନ ପାଇଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଚଳିତବର୍ଷ ଜିଲ୍ଲା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବହୁ ଭିଭିଆଇପି ଏବଂ ଭିଆଇପି ଯୋଗ ଦେଇଥିବା ବେଳେ ଆଖିବୁଜା ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହାସତ୍ତ୍ୱେ ଜିଲ୍ଲା ଉତ୍ସବ ସେଭଳି ଆକର୍ଷଣୀୟ ହୋଇପାରିନଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା। ତେଣୁ ବିଧାୟକଙ୍କ ଚିଠିକୁ ସମ୍ମାନ ଜଣାଇ ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

# ମରଣାନ୍ତକ ଆକ୍ରମଣରେ ଦୋକାନୀ ଗୁରୁତର

## ● ଦୋକାନ ଉପରକୁ ବୋମାମାଡ଼ କରି ଦୁର୍ବୃତ୍ତ ଫେରାର

**କାମାକ୍ଷାନଗର, ୨୩।୨(ସମିସ):** କାମାକ୍ଷାନଗର ଥାନା ଏକତାଳି ଗାଁରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଦୋକାନୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦୋକାନୀ ହେଲେ ସେହି ଗ୍ରାମର ତପନ ବିଶ୍ୱାଳ। ତପନ ଗାଁରେ ଏକ ପାନଦୋକାନ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଦୋକାନରେ ବସିଥିଲେ। ଏହି ସମୟରେ ୩ଟି ବାଇକ୍ ଯୋଗେ ୬ଜଣ ଦୁର୍ବୃତ୍ତ ତପନଙ୍କ ଦୋକାନରେ ପହଞ୍ଚି ସିଗାରେଟ ମାଗିଥିଲେ। ତପନ ସେମାନଙ୍କୁ ସିଗାରେଟ ଦେବାପରେ ଦୁର୍ବୃତ୍ତମାନେ ହଠାତ ତାଙ୍କୁ ଏକ ପାଇପରେ ପିଟିବା ସହ ତିନିଟି ବୋମା ପକାଇଥିଲେ। ସ୍ଥାନୀୟ ଲୋକେ ଦୋକାନ ନିକଟରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରିବାର ଲୋକେ ତପନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ।

## ● ମାଟ୍ରିକ ପରୀକ୍ଷା

# ୩୦୯ ପରୀକ୍ଷାର୍ଥୀ ଅନୁପସ୍ଥିତ, ବଢୁଛି ଅନୁପସ୍ଥିତଙ୍କ ସଂଖ୍ୟା

**ଢେଙ୍କାନାଳ, ୨୩।୨(ସମିସ):** ଢେଙ୍କାନାଳ ଜିଲ୍ଲାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଜାରି ରହିଛି। ସୋମବାର ତୃତୀୟ ଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ତେବେ ତୃତୀୟ ଭାଷାରେ ମୋଟ ୩୦୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଦିନକୁ ଦିନ ଅନୁପସ୍ଥିତଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇଛି। ଜିଲ୍ଲାରେ ମୋଟ ୨୬୯ଟି ବିଦ୍ୟାଳୟ ରହିଥିବା ବେଳେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୩୪୫ ଜଣ ପରୀକ୍ଷାଦେଉଛନ୍ତି। ଆଜି ଅନୁଷ୍ଠିତ ଥିବା ବେଳେ ୩୦୯ ଜଣ ଅନୁପସ୍ଥିତ ରହିଛନ୍ତି। ତୃତୀୟ ଭାଷାର ମଧ୍ୟମାରେ ୬ଜଣ ଅନୁପସ୍ଥିତ ରହିଥିବା ବେଳେ ମୋଟ ୩୦୯ ଜଣ ଅନୁପସ୍ଥିତ ରହିଛନ୍ତି। ଜିଲ୍ଲାରେ ମୋଟ ୯୫ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଥିବା ବେଳେ, ଭୁବନ ବ୍ଲକରେ ୧୧ଟି କେନ୍ଦ୍ର, ଗଁଦିଆ ବ୍ଲକରେ ୧୨ଟି, ହିନ୍ଦୋଳ ବ୍ଲକରେ ୧୨ଟି, କାମାକ୍ଷାନଗର ବ୍ଲକରେ ୧୨ଟି, କଙ୍କଡ଼ାହାଡ଼ ବ୍ଲକରେ ୯ଟି କେନ୍ଦ୍ର, ଓଡ଼ାପଡ଼ା ବ୍ଲକରେ ୧୦ଟି କେନ୍ଦ୍ର, ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ର ରହିଛି। ଆଜି ମାତୃଭାଷା ପରୀକ୍ଷାରେ କୌଣସି ଛାତ୍ରଛାତ୍ରୀ ଅସାଧୁ ଉପାୟ ଅବଲମ୍ବନ କରିନଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତରଫରୁ ୧୨ଟି କେନ୍ଦ୍ର ପରିଦର୍ଶନ କରିଥିବାର ଜଣାପଡ଼ିଛି।

# ଦନ୍ତା ହତୀ ଉପଦ୍ରବ; ଲୋକେ ଆତଙ୍କିତ



**ଓଡ଼ାପଡ଼ା, ୨୩।୨(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମରେ ରବିବାର ରାତି ୧ଟାରେ ଏକ ଦନ୍ତା ହାତୀ ଶଶି ଖିଲାରଙ୍କ ଗେଟ ଭାଙ୍ଗି ତାଙ୍କ ଚାଳ ଘରକୁ ଅଧା ଭାଙ୍ଗି ଧାନ ଚାଉଳ ଖାଇଦେଇଛି। ୭୫ ବର୍ଷର ବୃଦ୍ଧା ଖିଲାର ପ୍ରାଣବିକଳରେ ଅନ୍ୟ କୋଠା ଘରକୁ ଚାଲିଯାଇଥିଲେ। ଗାଁ ଲୋକ ଆସି ବାଣ ଫୁଟାଇ ହାତୀକୁ ଘଉଡ଼ାଇବା ସମୟରେ ହାତୀଟି ଲୋକଙ୍କୁ ତଡ଼ିଥିଲା। ତା' ପୂର୍ବଦିନ କାଶିହାଡ଼ି ଗ୍ରାମରେ ମଧ୍ୟ ଏହି ହାତୀ ଘର ଭାଙ୍ଗି ଲୋକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ବନ କର୍ମଚାରୀ ହାତୀକୁ ଘଉଡ଼ାଇବାରେ ନୟାନ୍ତ ହୋଇଥିଲେ ବୋଲି ବନକର୍ମଚାରୀ ବିକ୍ରମ ସାହୁ ସୂଚନା ଦେଇଛନ୍ତି। ଏହି ହାତୀକୁ ଆଜି ଟ୍ରାକିଂ କରି ଜଙ୍ଗଲକୁ ପଠାଯିବ ବୋଲି ସେ କହିଛନ୍ତି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଢେଙ୍କାନାଳ, ୨୩।୨(ସମିସ):** ସ୍ଥାନୀୟ କାଞ୍ଚନ ବଜାର ସ୍ଥିତ ସ୍ୱର୍ଗତ ରତ୍ନାକର ବେହେରାଙ୍କ ଧର୍ମପତ୍ନୀ ଗେଲ୍ଲିରାଣୀ ବେହେରାଙ୍କର ରବିବାର ରାତ୍ର ୯.୪୫ ମିନିଟ୍‌ରେ ଦେହାନ୍ତ ହୋଇଯାଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର କାମାକ୍ଷା ବେହେରା ଜଣେ ଜଣାଶୁଣା ବିଶିଷ୍ଟ ସମାଜସେବୀ। ଜବାହରଚୌକ ଗାନ୍ଧୀ ମନ୍ଦିର ରାସ୍ତାରେ ତାଙ୍କର ଏକ ଲଣ୍ଡ୍ରି ଦୋକାନ ରହିଛି। ମୃତ୍ୟୁ ବେଳକୁ ଗେଲ୍ଲିରାଣୀ ବେହେରାଙ୍କୁ ପ୍ରାୟ ନବେ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର କାମାକ୍ଷା, କାର୍ତ୍ତିକ ଦୁଇ ବୋହୂ ନାତି ସଦାଶିବ, କାହ୍ନା, ସୁଦୀପ୍, ସନ୍ଦୀପ୍, ସମ୍ବିତ୍ ନାତୁଣୀ ଶିବାନୀ ଓ ନାତୁଣୀ ଜ୍ୱାଇଁ କାହ୍ନୁଚରଣ ଉପସ୍ଥିତ ଥିଲେ। ସ୍ୱର୍ଗତା ବେହେରା ଜଣେ ଠାକୁର ଭକ୍ତିଆ, ମେଳାପୀ, ଅମାୟିକ ଓ ଧର୍ମପ୍ରାଣା ମହିଳା ଥିଲେ। ହୀରାସାଗର ପୋଖରୀ ପାଖରେ ଥିବା ମା'ମଙ୍ଗଳା, ସାଇବାବାଙ୍କ ମନ୍ଦିରରେ ସ୍ଥାନୀୟ ମହିଳାଙ୍କୁ ନେଇ ସାନ୍ଧ୍ୟ ପ୍ରାତଃ ଆଳତୀ କୀର୍ତ୍ତନ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଦେହାନ୍ତ ଖବର ପାଇ ଆମଆଦମୀ ପାର୍ଟିର ଭରତ ଦାସ, ପଙ୍କଜ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ପାଣି, ବରିଷ୍ଠ ସାହିତ୍ୟିକ କବିଜ୍ୟୋତି ନିରଞ୍ଜନ ପତି, ବରିଷ୍ଠ ଓକିଲ ସନାତନ ମହାପାତ୍ର, ଟୁକୁନି ଦାସ, ସ୍ଥାନୀୟ କାଉନସିଲର ବଂଶୀଧର ଦଳେଇ, ସୁରେନ୍ଦ୍ର ଦଳେଇ, ମହମ୍ମଦ ମସଜିଦ ଅଲ୍ଲୀ, ନିରଞ୍ଜନ ପଣ୍ଡା, ଅଜୟ ସାମନ୍ତରାୟ, ମହାପ୍ରଭୁ ନାୟକ ପ୍ରମୁଖ ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ କାଞ୍ଚନ ବଜାର, ବାଜିଚୌକ ଓ ଜବାହର ଚୌକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା କାଟିଦେଲେ

**ହିନ୍ଦୋଳ, ୨୩।୨(ସମିସ)**



ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ପଞ୍ଚାୟତ ଅଧିକାରୀ ଜଣେ ବୃଦ୍ଧ ହିତାଧିକାରୀଙ୍କ ଭତ୍ତା କାଟିଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜରଡ଼ା ପଞ୍ଚାୟତ ଛୋଟପଡ଼ା ଗ୍ରାମରୁ। ଛୋଟପଡ଼ା ଗ୍ରାମର ସୁରେଶ ବେହେରା ଜଣେ ନିଃସହାୟ ବ୍ୟକ୍ତି ହୋଇଥିବା ବେଳେ ଦୀର୍ଘଦିନ ହେବ ସେ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ। ମାତ୍ର ଗତ ୨ ମାସ ହେଲା ସେ ଭତ୍ତା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ଭତ୍ତା ପାଇଁ ସେ ପଞ୍ଚାୟତକୁ ଯାଇଥିଲେ। ତେବେ ତୁମର ଭତ୍ତା ୨ ମାସ ହେବ କଟିଯାଇଛି। ତୁମକୁ ଆଉ ଭତ୍ତା ମିଳିବ ନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ। ଏଥିରେ ବିଚଳିତ ହୋଇ ସୁରେଶ ହିନ୍ଦୋଳ ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟକୁ ଯାଇଥିଲେ। ହେଲେ ୨ ମାସ ପୂର୍ବର ସୁରେଶଙ୍କ ମୃତ୍ୟୁ ହୋଇଥିବା ପଞ୍ଚାୟତ ଅଧିକାରୀ ମନୋଜ ବାବୁ ରିପୋର୍ଟ କରିଛନ୍ତି ବୋଲି ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀ ଜଣକ ତାଙ୍କୁ କହିଥିଲେ। ଅଧିକାରୀଙ୍କ କଥା ଶୁଣି ସୁରେଶ ତଳେ ପଡ଼ିଯାଇଥିଲେ। ପାଖରେ ଥିବା କିଛି ଲୋକ ତାଙ୍କ ମୁଣ୍ଡରେ ପାଣି ମାରି ହୋସ ଆସିବା ପରେ ଘରକୁ ଗାଡ଼ି ସାହାଯ୍ୟରେ ପଠାଇ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠେ, ଜଣେ ବଞ୍ଚି ଥାଉ ଥାଉ କିପରି ପଞ୍ଚାୟତ ଅଧିକାରୀ ମୃତ୍ୟୁ ବୋଲି ଦର୍ଶାଇଲେ। ଏ ସମ୍ପର୍କରେ ଜରଡ଼ା ପଞ୍ଚାୟତ ଅଧିକାରୀ ମନୋଜ କୁମାର ଭୋଇଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମୁଁ ଜରଡ଼ା ପଞ୍ଚାୟତ ଭତ୍ତା ଦାୟିତ୍ୱରେ ନାହିଁ। ପଞ୍ଚାୟତର ଏଡିଓ ଓ ସରପଞ୍ଚ ଏ ଦାୟିତ୍ୱରେ ଅଛନ୍ତି। ସୁରେଶଙ୍କ ଭତ୍ତା ବିଷୟରେ କିଛି କହିପାରିବି ବୋଲି କହିଥିଲେ।

ଏ ସମ୍ପର୍କରେ ଜରଡ଼ା ପଞ୍ଚାୟତ ଏଡିଓ ସୁଜିତ ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ମୁଁ ଜରଡ଼ା ପଞ୍ଚାୟତର ଭତ୍ତା ଦେଉଛି। ସୁରେଶ ଭତା ନେବା ପାଇଁ ପଞ୍ଚାୟତକୁ ଆସିଥିଲେ। ମାତ୍ର ଭତ୍ତା ତାଲିକାରେ ତାଙ୍କ ନାମ ନ ଥିବାରୁ ମୁଁ ତାଙ୍କୁ ଭତ୍ତା ଦେଇ ଦେଇପାରିଲି ନାହିଁ ବୋଲି କହିଥିଲେ। ହିନ୍ଦୋଳ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀ ରୋହିତ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ୨ ମାସ ପୂର୍ବରୁ ଜରଡ଼ା ପଞ୍ଚାୟତ ଅଧିକାରୀ ସୁରେଶ ବେହେରାଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ବ୍ଲକକୁ ରିପୋର୍ଟ ଦେଇଥିଲେ। ସେହି ଆଧାରରେ ସୁରେଶଙ୍କ ଭତ୍ତା କାଟି ଦିଆଯାଇଛି। ସୁରେଶ ବ୍ଲକକୁ ଆସି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛି। ବ୍ଲକ ପକ୍ଷରୁ ପଞ୍ଚାୟତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଥିଲେ। ଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ନିରୀହ ସୁରେଶ କିପରି ତାଙ୍କ ଭତ୍ତା ପାଇପାରିବେ ସେ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର




**ଢେଙ୍କାନାଳ, ୨୩।୨(ସମିସ):** ସ୍ଥାନୀୟ ମହିଷାପାଟସ୍ଥିତ ଏକ ହୋଟେଲରେ ଢେଙ୍କାନାଳ ରୋଟାରୀ କ୍ଲବର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହୋଇଛି। ପ୍ରଥମ ଅଧିବେଶନରେ ଶାନ୍ତି ଓ ବିବାଦର ସମାଧାନ ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର (ପ୍ରାନ୍ତ ପାଳ) ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରୋଟାରୀ କ୍ଲବ ସଭାପତି ରୋଟାରିଆନ ସାଗରିକା ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେମିନାର କମିଟି ଅଧ୍ୟକ୍ଷ ବିନୋଦ ଅଗ୍ରୱାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ତପନ କୁମାର ପାଲ ଉପସ୍ଥିତ ଥିଲେ। ରୋଟାରିଆନ ଜିତେନ୍ଦ୍ର ନାରାୟଣ ଚନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ଆଲୋଚନା ଚକ୍ରରେ ବକ୍ତା ଭାବେ ସ୍ୱାମୀ ଶିବାଚିଦାନନ୍ଦ ସରସ୍ୱତୀ ଯୋଗଦେଇ ଆଧ୍ୟାତ୍ମିକ ଦିଗରେ ଆତ୍ମଶାନ୍ତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତା ଭାବେ ବିକେ ପ୍ରତିଭା ପୃଷ୍ଟି ଯୋଗଦେଇ ରାଜଯୋଗ ଧ୍ୟାନରେ ଶାନ୍ତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ପରବର୍ତ୍ତୀ ଅଧିବେଶନରେ ବକ୍ତା ଦେବେନ୍ଦ୍ର ପ୍ରସାଦ କର ବିବାଦ ସମାଧାନ ଦ୍ୱାରା କିଭଳି ଆତ୍ମଶାନ୍ତି ମିଳେ ସେ ବିଷୟରେ ମୂଲ୍ୟବାନ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରକୁ ରୋଟାରିଆନ ଆଶୁତୋଷ ରଥ ପରିଚାଳନା କରିଥିବାବେଳେ ସୁନୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସାନ୍ଧ୍ୟ ଅଧିବେଶନ ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବକୁ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରୋଟାରୀ ଡିଜି (ପ୍ରନ୍ତ ପାଳ) ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଆଶୁତୋଷ ରଥ, ଇନରହୁଇଲ କ୍ଲବ ଚେୟାରମ୍ୟାନ ରୋଟାରିଆନ ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ରୋଟାରିଆନ ବିନୋଦ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତପନ କୁମାର ପାଲ୍ ଉପସ୍ଥିତ ଥିଲେ। ରୋଟାରିଆନ ଜିତେନ୍ଦ୍ର ନାରାୟଣ ଚନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ରୋଟାରିଆନ ରଣେନ୍ଦ୍ର ପ୍ରତାପ ସିଂଦେଓ, ନବୀନ ଚନ୍ଦ୍ର ନାରାୟଣ ଦାସ, ସାଗର ମଲ୍ଲ ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ସଭ୍ୟ ଡ. ବିଧୁଭୂଷଣ ନନ୍ଦ, ଡ. ବଳଭଦ୍ର ରାମଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ ଜୟଶ୍ରୀ ମହାନ୍ତି, ତନ୍ମୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୨୩।୨(ସମିସ):** ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ ଅବସରରେ ପର୍ସନାଲିଟି ଆଟ୍ ୱାର୍କ ଆଣ୍ଡ ଇନ ଲାଇଫ, ଦି ହ୍ୟୁମାନ ଫ୍ୟାକ୍ଟର ବିହାଇଣ୍ଡ ପର୍ଫର୍ମାନ୍ସ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଆରକେଏସ ମଙ୍ଗେସ ଦାସ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଏହି ଅବସରରେ ବାଣିଜ୍ୟ ବିଭାଗର ବାର୍ଷିକ ପତ୍ରିକା ଏକ୍ସପ୍ଲୋରର ଉନ୍ମୋଚନ କରାଯିବା ସହ ଚଳିତ ବର୍ଷର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ପାଠଚକ୍ରର ବୈଶିଷ୍ଟ୍ୟ ଓ ଅଧ୍ୟାପକ ଶକ୍ତିପ୍ରସାଦ କବିଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାକେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ ଓ ଡ. ସୌମ୍ୟା ନନ୍ଦ ସଭା ସଂଯୋଜନା କରିଥିଲେ। ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ସୁମିତ୍ରା ବେହେରା, ଡ. ସମ୍ବିତ କୁମାର ସାହୁ ଓ ଆଦିତ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରାଧା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଜେଡି ବନ୍ଧୁମିଳନ ସଫଳତା ପାଇଁ କୃତଜ୍ଞତା



**ଭୁବନ, ୨୩।୨(ସମିସ):** ଭୁବନ ବିଜୁ ଜନତା ଦଳ ତରଫରୁ କଣପାଳ ଠାରେ ବନ୍ଧୁମିଳନ ଓ ନବ ନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପର୍ବ ସମ୍ପୂର୍ଣ୍ଣ ସଫଳ ହୋଇଛି। ଜିଲ୍ଲା ବିଜେଡ଼ି ସଭାପତି ଡ. ନୃସିଂହ ଚରଣ ସାହୁ ଓ କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ (ଡୁଗୁ) ଏଥି ସକାଶେ ଭୁବନ ବିଜେଡି ଟିମ୍ କୁ ଅଭିନନ୍ଦନ ଜଣାଇଛନ୍ତି। ଅନୁରୂପ ଭାବେ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଓ ଭୁବନ ନଗର ବିଜେଡି ସଭାପତି ତଥା କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ, ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ବିଶେଷ କରି ବିନୋଦ କୁମାର ବେହେରା, ରାକେଶ ଆଏଚ୍, ସୁଶାନ୍ତ ପୃଷ୍ଟି, ମୁରଲୀ ମୋହନ ମାହନ୍ତ, ସୌରଭ ରାଉତ, ସିଲୁ ନାୟକ, ଲିଙ୍ଗରାଜ ସାହୁ, ପିତୁନୁ ପାତ୍ର, ଜଗବନ୍ଧୁ ସାହୁ, ସୁଶାନ୍ତ ବାରିକ୍, ସିପୂନା ଦାସ, ସାଗର ସାହୁ, ଦେବାଶିଷ ସାହୁ, ବୁବୁନା ସେଠୀ, ଗଣେଶ୍ୱର ବିହାରୀ, ନାରାୟଣ ନାୟକ, ରାକେଶ ପୃଷ୍ଟି, ବଳରାମ ସାହୁ, ସୁବ୍ରତ ବାରିକ୍, ପ୍ରିତମ ବେହେରା, ଜୟନ୍ତ ପ୍ରଧାନ, କୁଞ୍ଜବନ ବେହେରା, ରାକେଶ ସାହୁ, ଧନେଶ୍ୱର ସାହୁ, ଭରତ ମଲ୍ଲିକ, ତ୍ରିଲୋଚନ ସାହୁ, ଶୁଭକାନ୍ତ ବର୍ଦ୍ଧନ, ଦିଲୀପ କୁମାର ରାଉତ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ କାର୍ଯ୍ୟକ୍ରମ ସଫଳ ହୋଇଥିବା ବର୍ଣ୍ଣନା କରିବା ସହ ଉପରୋକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବୈଠକ



**ଯୋରନ୍ଦା, ୨୩।୨(ସମିସ):** ଢେଙ୍କାନାଳ ଜିଲ୍ଲା କପିଳାସଠାରେ ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଜିଲ୍ଲା ଶାଖାକ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ ଯୋଗଦେଇ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଓ ସରକାରଙ୍କ ପ୍ରତିଶ୍ରୁତି ବିଷୟରେ ଆଲୋଚନା କରିଥିଲେ। ଢେଙ୍କାନାଳ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟସଭ୍ୟାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗଁଦିଆ ଖଣ୍ଡ ସଂଯୋଜକ ଦିଲୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ଓଝା, ମୁରଲୀ ରଣା, କାଳନ୍ଦୀ ପଣ୍ଡା, ଗୀତାଞ୍ଜଳି ମହାରଣା, ସସ୍ମିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନଶୁଣାଣି ଶିବିରରେ ୫୧ ଅଭିଯୋଗ ପଞ୍ଜିକୃତ

**ଗଁଦିଆ, ୨୩।୨(ସମିସ)**




ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକର, ଜିଲ୍ଲା ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦୀପ୍ତି ସେଠୀ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ବିଡିଓ, ତହସିଲଦାର, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୫୧ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଥିଲା। ୨୦ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାରପୁର ସରପଞ୍ଚ ଅଜୟ ମହାନ୍ତି ଏନଆରଇଜିଏସ ଯୋଜନାରେ ମାଟି ମୋରମ ପରିବହନ ସମୟରେ ବନବିଭାଗର ଅସହଯୋଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ପରିବର୍ଦ୍ଧିତ ପରିସ୍ଥିତିରେ କୃଷି, ଉଦ୍ୟାନ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ, ବନାଗ୍ନି ପ୍ରତିରୋଧ, ହାତୀ ଗତିବିଧି, ମଣ୍ଡିରେ ଅଭାବୀ ଧାନ ବିକ୍ରି, ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, କନ୍ୟା ବିବାହ ଯୋଜନାର ସହଯୋଗ, ଶ୍ରମକାର୍ଡ, ସିମିନଇରେ ୨୦୦୨ ମସିହାରୁ ଆବାସ ଯୋଜନାରେ ଘର କରିବା ନେଇ ବେଣୁଧର ମହାରଣା ପ୍ରତିବାଦ କରିଥିଲେ। ରାଇତାଳାରେ ବ୍ୟକ୍ତିଗତ ଜମିରେ ଏନଆରଇଜିଏସ ଯୋଜନାରେ ଖେଳପଡ଼ିଆ ନେଇ କୈଳାସ ରାଉତଙ୍କ ସମେତ ଜମି ମାଲିକ ଅଭିଯୋଗ କରିଥିଲେ। ମହୁଲପାଳରେ ଉଠାଜଳସେଚନ ବିଭାଗର ମନମାନି ଯୋଗୁଁ ୩୫ ହେକ୍ଟରରେ ଆଖୁ ମକା ଚାଷୀ ହଇରାଣ ସମ୍ପର୍କରେ ପୂର୍ବତନ ସରପଞ୍ଚ ରଘୁନାଥ ଭଞ୍ଜ ଅଭିଯୋଗ କରିଥିଲେ। କାଡା କେନାଲ ନେଇ ଚାଷୀ ନେତା ପୂର୍ଣ୍ଣଚନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ଜମି ରେଜିଷ୍ଟ୍ରିସନ ନେଇ ଭୁବନ ତହସିଲଦାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଗଡ଼ନୃସିଂହପ୍ରସାଦ ଗ୍ରାମର ପତିତପାବନ ଜେନା କରିଥିଲେ ଅଭିଯୋଗ। ସହକାରୀ ଯନ୍ତ୍ରୀ ରଞ୍ଜନ ରାଉତଙ୍କ ସମେତ ବ୍ଲକ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ରେଡକ୍ରସ ରୁ ୧୦ହଜାର ଟଙ୍କା ସହଯୋଗ କରାଯାଇଛି। ଦିବ୍ୟାଙ୍ଗ ନ ଥିବା ଜଣେ ମହିଳାଙ୍କୁ ହୁଇଲ ଚେୟାର ଦେଇ ଫଟୋ ଉଠାଇବା ଘଟଣା ରୋଚକ ହୋଇଥିଲା। ଜିଲ୍ଲାପାଳ ଆସିବା ପୂର୍ବରୁ କର୍ମଚାରୀ ପୋର୍ଟିକରେ ବାଇକ ରଖି ହାଣ୍ଡେଲ ଲକ୍ କରି ପଳାଇଥିବାରୁ ଗାଡ଼ିଗୁଡ଼ିକ ଟେକି ଟେକି ପୁଲିସ କର୍ମଚାରୀମାନେ ନୟାନ୍ତ ହୋଇଥିଲେ।

# ଶ୍ରୀ ସତ୍ୟନାରାୟଣଙ୍କ ବାର୍ଷିକ ଉତ୍ସବ

**ଯୋରନ୍ଦା, ୨୩।୨(ସମିସ):** ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମର ଆରାଧ ଦେବତା ଶ୍ରୀ ସତ୍ୟନାରାୟଣଜୀଉଙ୍କ ବାର୍ଷିକ ଉତ୍ସବ ପାଳିତ ହେଉଛି। ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଠାକୁରଙ୍କ ୭ମ ଜନ୍ମୋତ୍ସବ ସହ ୧୮୯ତମ ବାର୍ଷିକ ପାଞ୍ଚରାତ୍ର ବାଦିପାଲା ଅନୁଷ୍ଠିତ ହେଉଛି। ପ୍ରାତଃ ସମୟରେ ଶ୍ରୀଜୀଉଙ୍କ ମହାସ୍ନାନ ପରେ ହୋମଯଜ୍ଞ ସହ ନୀତିକାନ୍ତି ହୋଇଥିଲା। ପୁରୋଧା ଶାନ୍ତନୁ ମିଶ୍ର, ସୁଶାନ୍ତ ରଥଙ୍କ ସହ ଦୈନିକ ପୂଜକ ନର ନନ୍ଦ ସମସ୍ତ ନୀତିକାନ୍ତି କରୁଛନ୍ତି। ଠାକୁରଙ୍କ ମାର୍ଫତଦାର ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ନବକିଶୋର ସାହୁ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମଧ୍ୟାହ୍ନରେ ୪୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସବୁ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ଗ୍ରାମ୍ୟ କମିଟି ସଦସ୍ୟ ବୃନ୍ଦ ଓ ଉପଦେଷ୍ଟା କମିଟିର ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଅଛି। ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସୁନାମଧନ୍ୟ ଗାୟକ ରସ ସାଗର ବସନ୍ତ କୁମାର ବେହେରା ଓ ଗାୟକ ସମ୍ରାଟ କାଳୁଚରଣ ଦାସ ପ୍ରତ୍ୟେକ ସନ୍ଧ୍ୟା ୭ଟାରୁ ପାଲା ପରିବେଷଣ କରିବେ। ମାର୍ଚ୍ଚ ୧ ତାରିଖ ମହାଶିରିଣି ଉତ୍ସବ କାର୍ଯ୍ୟକ୍ରମ ରହିଛି। ଉପଦେଷ୍ଟା କମିଟିର ସଦସ୍ୟ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମଲ୍ଲିକ, ଅବସରପ୍ରାପ୍ତ ସରକାରୀ ବଡବାବୁ ପ୍ରସନ୍ନ କୁମାର ସାହାଣୀ, ନିତ୍ୟାନନ୍ଦ ମଲ୍ଲିକ, ମୀନକେତନ ମଲ୍ଲିକ ଓ ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ରାଉତ ଓ ସହଯୋଗୀ ସଦସ୍ୟ, ୭ଟି ସାହିର ସଭାପତି, ଗ୍ରାମର ସ୍ୱେଚ୍ଛା ସେବକ ସଙ୍ଗଠନର ମୁଖ୍ୟ ସୁନୀଲ କୁମାର ସାହାଣୀ ସମେତ ଲାଇଟ୍ ସାଉଣ୍ଡର ସର୍ବେଶ୍ୱର ସାହୁ (ଟୁକୁନ୍ ଭାଇ) ଓ ଟେଣ୍ଟ ହାଉସର ନିର୍ମଳ ମଲ୍ଲିକ ସମସ୍ତଙ୍କ ଅକୁଣ୍ଠିତ ଚିତରେ ସହଯୋଗ ଓ ସଦିଚ୍ଛା କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକ୍ରମକୁ ଶୃଙ୍ଖଳା ଓ ସୁପରିଚାଳିତ କରିବା ପାଇଁ ଗ୍ରାମ୍ୟ କମିଟିର ପ୍ରତ୍ୟେକ ସଦସ୍ୟଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।



